


# QUESTION BANK FOR THE YEAR – 2022 – 2023

[ CLASS — 9, 10 ]

## ODIA

[ Language Part ]

# QUESTION BANK FOR THE YEAR – 2022 – 2023

## [ CLASS — 9, 10 ]

# ODIA

## [ Language Part ]

୧- ୨୫୦ଟି ଶବ୍ଦ ମଧ୍ୟରେ ରଚନାଟିଏ ଲେଖ :-

(i) ତୁମ ଜୀବନର ଲକ୍ଷ୍ୟ ।

(ii) ତୁମ ବିଦ୍ୟାଳୟ ।

(iii) ତୁମକୁ ଭଲ ଲାଗୁଥିବା ଏକ ପର୍ବ ।

(iv) ତୁମର ପଡ଼ିଶା ।

(v) ଆଦର୍ଶ ଛାତ୍ରଜୀବନ ।

(vi) ଆମ ପରିବେଶ ।

(vii) ଆମ ରାଜ୍ୟ ।

(vii) ଏକତା ହିଁ ବଳ - ଏହି ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(ix) ସବୁ ଚକ୍ ଚକ୍ କରୁଥିବା ବସ୍ତୁ ସୁନା ନୁହେଁ - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(x) ଧୀର ପାଣି ପଥର କାଟେ - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xi) ବିନାଶ କାଳେ ବିପରୀତ ବୁଦ୍ଧି - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xii) ଡେଇଁବା ଆଗରୁ ଚାହିଁ - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xiii) ଅଳ୍ପ ବିଦ୍ୟା ଭୟଙ୍କରୀ - ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

**ସଂଲଗ୍ନ ଛବିଟିକୁ ଏବଂ ଏହାର ବର୍ଣ୍ଣନା ଦିଅ କିମ୍ବା ଏହା ତୁମକୁ ଯାହା ସୂଚାଇ ଦେଉଛି ଉଲ୍ଲେଖ କର :-**







୨. ୧୨୦ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :-

(i) ତୁମେ ଚାରିଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ଥିଲ, ଉପଯୁକ୍ତ କାରଣ ଦର୍ଶାଇ ଅଧ୍ୟକ୍ଷଙ୍କ ନିକଟକୁ ପତ୍ର ଲେଖ ।

(ii) ତୁମର ଅସୁସ୍ଥତାବଶତଃ ତୁମେ ପରୀକ୍ଷା ଦେଇପାରିଲ ନାହିଁ ଉପଯୁକ୍ତ କାରଣ ଦର୍ଶାଇ ଅଧ୍ୟକ୍ଷଙ୍କୁ ଆବେଦନ ପତ୍ର ଲେଖ ।

(iii) ତୁମ ବିଦ୍ୟାଳୟର ପାଠାଗାରରେ ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକାର ଅଭାବ ସଂପର୍କରେ ଜଣାଇ ଅଧ୍ୟକ୍ଷଙ୍କୁ ଆବେଦନ ପତ୍ର ଲେଖ ।

(iv) ତୁମ ଅଞ୍ଚଳରେ ପାନୀୟ ଜଳର ଅଭାବ ସଂପର୍କରେ ଅଭିଯୋଗ କରି ଜିଲ୍ଲାପାଳଙ୍କ ନିକଟକୁ ଆବେଦନ ପତ୍ର ଲେଖ ।

(v) ତୁମ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାପାଇଁ ଅନୁରୋଧ କରି ଆଞ୍ଚଳିକ ସରପଞ୍ଚ ମହୋଦୟଙ୍କୁ ନିବେଦନ ପତ୍ର ଲେଖ ।

(vi) ତୁମ ବିଦ୍ୟାଳୟର ଏକ ଉତସବ ବିଷୟରେ ବର୍ଣ୍ଣନା କରି ପିତାଙ୍କୁ ପତ୍ର ଲେଖ ।

(vii) ତୁମେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମାମୁଁ ତୁମ ପାଇଁ ଗୋଟିଏ ଉପହାର ପଠାଇଛନ୍ତି । ତାଙ୍କୁ ତୁମର କୃତଜ୍ଞତା ଜଣାଇ ଖଣ୍ଡିଏ ପତ୍ର ଲେଖ ।

(viii) ଘରେ ତୁମ ସାନଭାଇ ବଡ଼ ଅବାଧ୍ୟ ହେଉଛି, ତାକୁ ବାଟକୁ ଆଣିବା ପାଇଁ ପତ୍ର ଲେଖ ।

(ix) ତୁମ ବଡ଼ ଭଉଣୀର ବାହାଘରରେ ଯୋଗଦେବା ପାଇଁ ଅନୁରୋଧ କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

୩. **ପ୍ରାଚୀନ କଳିଙ୍ଗର ଶାସକ**

କଳିଙ୍ଗର ଶାସକମାନଙ୍କର କାହାଣୀ ବାସ୍ତବିକ ଅତ୍ୟନ୍ତ ବିସ୍ମୟକର, କଳିଙ୍ଗର ଅଧିକାଂଶ ରାଜା ଥିଲେ ଅତ୍ୟନ୍ତ ଦୁର୍ଦ୍ଧର୍ଷ ଓ ଦୁଃସାହସୀ । ସେମାନଙ୍କର ସ୍ୱଦେଶ ପ୍ରାଣତ ସନ୍ଦେହାତୀତ ଥିଲା । ଭାରତ ସମ୍ରାଟ ଅଶୋକଙ୍କର କଳିଙ୍ଗ ଯୁଦ୍ଧ ସମଗ୍ର ବିଶ୍ୱର ସମର ଇତିହାସରେ ଏକ ଉଲ୍ଲେଖଯୋଗ୍ୟ କାହାଣୀ । ମହାମାନ୍ୟ ସମ୍ରାଟ ଧଉଳିଗିରିର ଗାତ୍ରରେ ଶିଳାଲେଖ କରିଥାରେ ସେ ସବୁ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି । ଏବର ରାଜା ଖାରବେଳଙ୍କର ଭାରତ ଅଭିଯାନ ମଧ୍ୟ ସେହିପରି ପାଠକର ପ୍ରାଣରେ ବିସ୍ମୟ ସୃଷ୍ଟି କରିଥାଏ । ଖଣ୍ଡଗିରିର ଶିଳାଲିପି ଅତୀତର ସେହି ଗୌରବମୟ ଗାଥାକୁ କାଳବକ୍ଷରେ ପ୍ରଚାର କରି ଚାଲିଅଛି । ଏହି ସମୟରେ ଖାରବେଳଙ୍କର ସାମ୍ରାଜ୍ୟ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଖାରବେଳ ଉତ୍ତରରେ ମଥୁରା ପର୍ଯ୍ୟନ୍ତ ଦିଗ୍‌ବିଜୟ କରି ଯବନ ରାଜାଙ୍କୁ ବିତାଡ଼ିତ କରିଥିଲେ । ସେ ବାରମ୍ବାର ଅଭିଯାନ କରି ପ୍ରଭାବଶାଳୀ ମଗଧ ରାଜ୍ୟ ସମେତ ବହୁ ଶକ୍ତିଶାଳୀ ରାଷ୍ଟ୍ରକୁ ନିଜର ଅଧୀନ କରି ପାରିଥିଲେ ।

ଭାରତ ଇତିହାସରେ ଗୁପ୍ତରାଜତ୍ୱ କାଳକୁ ସୁବର୍ଣ୍ଣ ଯୁଗ ବୋଲି ନାମିତ କରାଯାଇଥାଏ । ଏହି କାଳରେ କଳିଙ୍ଗର ରାଜନୈତିକ ସ୍ୱୀକୃତି ଲାଭ କରିଥିବା ଜଣାଯାଏ । ଖ୍ରୀଷ୍ଟ ତୃତୀୟ ଶତାବ୍ଦୀରେ କଳିଙ୍ଗର ଗୁହଶିବ ନାମରେ ଜଣେ ପ୍ରସିଦ୍ଧ ବୌଦ୍ଧ ରାଜା ରାଜତ୍ୱ କରୁଥିଲେ । ସେତେବେଳେ ବୁଦ୍ଧଙ୍କର ଦନ୍ତ କଳିଙ୍ଗରେ ପୂଜା ହେଉଥିଲା । ଶତ୍ରୁ ଆକ୍ରମଣ ଆଶଙ୍କା କରି ଗୁହଶିବ ବୁଦ୍ଧଦେବଙ୍କ ଦନ୍ତ ନିରାପଦରେ ପୂଜା ହେବ ବୋଲି ତତ୍‌କାଳୀନ ଲଙ୍କା (ସିଂହଳ)ର ରାଜା ମହାସେନଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହି ପବିତ୍ର ଦନ୍ତକୁ ତାଙ୍କର କନ୍ୟା ହେମମାଳା ଏବଂ ଜାମାତା ଦନ୍ତକୁମାର ସମୁଦ୍ର ପଥରେ ବହନ କରିନେଇ ନିରାପଦରେ ସିଂହଳ ରାଜ୍ୟରେ ପହଞ୍ଚାଇ ଦେଇଥିଲେ । ସିଂହଳରେ ଦନ୍ତ ପହଞ୍ଚିଲା ବେଳକୁ ସିଂହଳ ରାଜା ମହାସେନ୍ ମୃତ୍ୟୁବରଣ କରିଥିଲେ ହେଁ ତାଙ୍କର ସୁଯୋଗ୍ୟ ଉତ୍ତରାଧିକାରୀ ଅତ୍ୟନ୍ତ ଆଦର ସହକାରେ ଦନ୍ତକୁ ଗ୍ରହଣକରି ସେବା ପୂଜାର ବ୍ୟବସ୍ଥା କରିଥିଲେ । ପ୍ରଭାବଶାଳୀ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ତାଙ୍କର ଭାରତ ଅଭିଯାନ କାଳରେ ଓଡ଼ିଶା ଭୂମିରେ ବହୁ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ କୋଶଳର ରାଜା ମହେନ୍ଦ୍ର, ମହାକାନ୍ତାର ରାଜା ବ୍ୟାଘ୍ରରାଜା, କୁରଳର ମନ୍ତରାଜା, ପିପ୍‌ଟ ପୁରର ମହେନ୍ଦ୍ର ଗିରି, କୋଟ୍ଟୁରାର ସ୍ୱାମୀଦତ୍ତ, ଏରଣ୍ଡ ପଲ୍ଲିର ରାଜା ଦମନ, ଦେବ ରାଷ୍ଟ୍ରର କୁବେର ପ୍ରଭୃତି ରାଜାମାନଙ୍କ ସହିତ ସମୁଦ୍ରଗୁପ୍ତ ପ୍ରବଳ ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ।

(i) ଖାରବେଳଙ୍କ ଭାରତ ଅଭିଯାନ ସମ୍ପର୍କରେ ଏହି ଲେଖାରୁ କି ସୂଚନା ମିଳେ ?

(ii) ବୁଦ୍ଧଙ୍କର ଦନ୍ତ ସମ୍ପର୍କରେ ଏଠାରେ କ'ଣ ବର୍ଣ୍ଣନା କରାଯାଇଛି ?

(iii) ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ଓଡ଼ିଶା ଭୂମିରେ କେଉଁ କେଉଁ ରାଜାଙ୍କଠାରୁ ପ୍ରବଳ ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ?

(iv) ଭାରତ ଇତିହାସରେ କେଉଁ ରାଜତ୍ୱକୁ ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ ? ସେହି ସମୟରେ କଳିଙ୍ଗର ଅବସ୍ଥା କ'ଣ ଥିଲା ?

(v) ଶିଳାଲିପିର ଅର୍ଥ କ'ଣ ? ସମ୍ରାଟ ଅଶୋକଙ୍କର ପ୍ରସିଦ୍ଧ ଶିଳାଲିପି କେଉଁଠାରେ ଦେଖିବାକୁ ମିଳେ ଓ ସେଥିରେ କେଉଁ ବିଷୟ ବର୍ଣ୍ଣିତ ?

୪. **ଓଡ଼ିଶାର ସମ୍ବାଦ ପତ୍ର ପ୍ରକାଶନ ଧାରା** (ଶିବ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ସମ୍ବାଦ ପତ୍ରର ବିକାଶ ଓ ସାମ୍ବାଦିକତା ପୁସ୍ତକରୁ ଉଦ୍ଧୃତ । ପୃଷ୍ଠା (୨୦-୨୧)

ପାଶ୍ଚାତ୍ୟ ସଂସ୍କୃତିର ବ୍ୟାପକ ପ୍ରସାରର ପରିଣତି ସ୍ୱରୂପ ୧୮୩୭ରେ ଖ୍ରୀଷ୍ଟିଆନ ମିସନାରୀ ସଂସ୍ଥା ଦ୍ୱାରା କଟକରେ ଏକ ମୁଦ୍ରଣାଳୟ "କଟକ ମିଶନ୍ ପ୍ରେସ୍" ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ବୌଦ୍ଧିକ ଚେତନାର ବିକାଶ କ୍ଷେତ୍ରରେ ଏହି ମୁଦ୍ରଣାଳୟର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୨୨ ମିସନାରିମାନେ ଓଡ଼ିଶାରେ ଇଂରାଜୀ ଶିକ୍ଷାର ତଥା ଖ୍ରୀଷ୍ଟିଆନ ଧର୍ମର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିଲେ ।

୧୮୬୬ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା । ବହୁଲୋକ ଅନାହାରରେ ମୃତ୍ୟୁ ମୁଖରେ ପଡ଼ିଲେ । ଏହି ପରିସ୍ଥିତିକୁ ସମ୍ଭାଳିବା ଦିଗରେ ବ୍ରିଟିଶ ସରକାର ସମ୍ପୂର୍ଣ୍ଣ ଭାବରେ ଅସମର୍ଥ ହେଲା । ଏହି ସମୟରେ ଓଡ଼ିଶାର ଦୁଃଖ ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣି ଜନଚେତନାର ବିକାଶ ସାଙ୍ଗକୁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ ଲାଗି ଏକ ସମ୍ବାଦ ପତ୍ର ପ୍ରକାଶନର ଆବଶ୍ୟକତା ଅନୁଭୂତି ହେଲା । ଓଡ଼ିଆ ଭାଷାବାଦୀ ଅଞ୍ଚଳରେ ବାସ୍ତବ ସମସ୍ୟା ଉପସ୍ଥାପନ ଲାଗି କର୍ମବୀର ଗୌରୀଶଙ୍କର ରାୟ ପ୍ରଥମ ଓଡ଼ିଆ ସମ୍ବାଦ ପତ୍ର "ଉତ୍କଳ ଦୀପିକା" ପ୍ରକାଶ କରିଥିଲେ । ସମୟର କଷଟି ପଥରରେ ପରୀକ୍ଷିତ ହୋଇ ଏହି ସମ୍ବାଦ ପତ୍ର ୧୮୬୬ରୁ ୧୯୩୪ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । ଏହି ସମୟ ଥିଲା ଓଡ଼ିଶା ପକ୍ଷରେ ସଙ୍କଟର ସମୟ । ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ମଧ୍ୟ ବହୁବିଧ ଉଦ୍ୟମ ହୋଇଥିଲା ଓ ଅବଶେଷରେ ୧୯୩୬ ଏପ୍ରିଲ ପହିଲାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ଏହି ସମୟରେ ସମ୍ବାଦପତ୍ର ତଥା ପତ୍ର ପତ୍ରିକାର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ "ବୋଧ ଦାୟିନୀ" ପତ୍ରିକା ପ୍ରକାଶିତ ହୋଇଥିଲା । ଉତ୍କଳ ଦୀପିକା କଟକ ପ୍ରିଣ୍ଟ୍ କମ୍ପାନୀର ସାପ୍ତାହିକ ଭାବରେ ପ୍ରକାଶ ପାଇଥିଲା ।

୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ସର୍ବଭାରତୀୟ ସ୍ତରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଦୟନୀୟ ସ୍ଥିତି ଓ ସମସ୍ୟାବଳୀ ଉପସ୍ଥାପନ ଲାଗି କର୍ମବୀର ଗୌରୀଶଙ୍କର ରାୟ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଯୋଗ ଦାନ କରିଥିଲେ । ଏହା ପରେ ସମ୍ବଲପୁରରୁ ୧୮୮୯ "ସମ୍ବଲପୁର ହିତୈଷିଣୀ" ପ୍ରକାଶ ପାଇଥିଲା ।

ଦି କଟକ ମିଶନ୍ ପ୍ରେସ୍ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାରେ ମୁଦ୍ରଣାଳୟ ପ୍ରତିଷ୍ଠା ତଥା ମୁଦ୍ରିତ ପୁସ୍ତକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଜନସାଧାରଣଙ୍କର ଆଦର ବଢ଼ିଥିଲା ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶା ଡିଭିଜନର ତତ୍କାଳୀନ କମିଶନର ଟି. ଇ ରେଭେନ୍‌ସା ତାଙ୍କର ସିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ପ୍ରବର୍ତ୍ତାଇ କଟକ ପ୍ରିଣ୍ଟି ପ୍ରେସ୍ ପ୍ରତିଷ୍ଠା କରାଇଥିଲେ ଓ ସରକାରଙ୍କୁ ଗଠନମୂଳକ ଭାବରେ ସମାଲୋଚନା କରିବା ନିମନ୍ତେ ଏକ ସମ୍ବାଦ ପତ୍ର ପ୍ରକାଶନ ଲାଗି ପରାମର୍ଶ ଦେଇଥିଲେ ।

(i) ଦି କଟକ ମିଶନ୍ ପ୍ରେସ୍ କେବେ କାହା ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ?

(ii) ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ବେଳେ କାହା ଦ୍ୱାରା କେଉଁ ସମ୍ବାଦପତ୍ର ପ୍ରକାଶିତ ହେଲା ?

(iii) ଉପରୋକ୍ତ ସମ୍ବାଦପତ୍ର ପ୍ରକାଶନର ଉଦ୍ଦେଶ୍ୟ କ'ଣ ଥିଲା ?

(iv) କେଉଁ ସମୟ ଥିଲା ଓଡ଼ିଶା ପକ୍ଷରେ ସଂକଟର ସମୟ ? ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ?

(v) ଜାତୀୟ କଂଗ୍ରେସ କେବେ ପ୍ରତିଷ୍ଠିତ ହେଲା ? ଏହାର ଅଧିବେଶନରେ ଓଡ଼ିଶାର କେଉଁ ନେତା ଯୋଗ ଦେଇଥିଲେ ?

## ୫. ମୃତ୍ୟୁ ବିଜୟୀ ବାଳକ

ମହର୍ଷି ବାଜଶ୍ରବାଙ୍କର 'ବିଶ୍ୱଜିତ୍' ଯଜ୍ଞପୀଠରେ ବହୁ ଦୂରାନ୍ତରରୁ ଆସି ଅତିଥି ଅଭ୍ୟାଗତମାନେ ଉପସ୍ଥିତ ହୋଇଅଛନ୍ତି । ଋଷି ପ୍ରଫୁଲ୍ଲ ମନରେ ଗୋଟି ଗୋଟି କରି ନିଜର ସମସ୍ତ ସମ୍ପତ୍ତିକୁ ଅପରକୁ ଦାନ କରିବାରେ ଲାଗିଛନ୍ତି । କାରଣ ଏହି ଯଜ୍ଞର ନିୟମ ହେଉଛି ଯେ, ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ଜଣ ଜଣ କରି ଅଭ୍ୟାଗତଙ୍କର ଅର୍ଚ୍ଚନା କରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଛନ୍ତି ଏବଂ ଅଭ୍ୟାତମାନେ ଋଷିଙ୍କୁ ଯଜ୍ଞଫଳ ଲାଭ କରିବାର ଆଶୀର୍ବାଦ ଦେଇ ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରୁଛନ୍ତି ।

ଯଜ୍ଞ ପ୍ରାୟ ଶେଷ ହୋଇ ଆସଛନ୍ତି । ଋଷି ତାଙ୍କର ସମସ୍ତ ସମ୍ପତ୍ତି ଦାନ କରିସାରିଛନ୍ତି । ବର୍ତ୍ତମାନ ଋଷି ପୁରୋହିତମାନଙ୍କୁ ପଲେ ଗାଈ ଦାନ କରୁଛନ୍ତି । କିନ୍ତୁ ଗାଈଗୁଡ଼ିକ ଅତି ରୁଗଣ ଓ ଜୀର୍ଣ୍ଣଶୀର୍ଣ୍ଣ । ବାଜଶ୍ରବାଙ୍କର ପୁତ୍ର ବାଳକ ନଚିକେତା ଦୃଷ୍ଟିଚିଉରେ ସମସ୍ତ ଲକ୍ଷ କରୁଥିଲେ । ବର୍ତ୍ତମାନ ବାପା ଏହି ଅକର୍ମଣ୍ୟ ଓ ରୁଗଣ ଗାଈଗୁଡ଼ିକୁ ଦକ୍ଷିଣା ଦେଉଥିବାର ଦେଖି ସେ ବିସ୍ମିତ ଓ ମର୍ମାହତ ହେଲେ । ବାପା ତାଙ୍କର ଏ କ'ଣ କରୁଛନ୍ତି ?

ସ୍ୱାସ୍ଥ୍ୟହୀନ ରୁଗଣ ଓ ଜରାଜୀର୍ଣ୍ଣ ଏଇ ଗାଈ ସବୁ ଦକ୍ଷିଣା ଦେଇ ବାପା କଅଣ ପୁଣ୍ୟ ଅର୍ଜନ କରିବାକୁ ଚାହାଁନ୍ତି ? ନଚିକେତାଙ୍କ ମନରେ ଶୁଭ ବୁଦ୍ଧି ଉଦିତ ହେଲା । ପିତାଙ୍କ ନିକଟରେ ଉପସ୍ଥାପିତ ହୋଇ ସେ ପ୍ରଶ୍ନ କଲେ, "ବାପା, ବିଶ୍ୱଜିତ ଯଜ୍ଞରେ ସର୍ବ ସଦ୍ ଦାନ କଲେ, କୁହନ୍ତୁ ମୋତେ କାହାକୁ ଦାନ କଲେ ।" ବାଜଶ୍ରବା ପୁତ୍ରର ଏ ପ୍ରଶ୍ନ ପ୍ରତି ଧ୍ୟାନ ଦେଇନାହାନ୍ତି । କିଛି ସମୟପରେ ଦ୍ୱିତୀୟବାର ପିତାଙ୍କ ନିକଟକୁ ଯାଇ ପୁଣି ସେ ପଚାରିଲେ କିନ୍ତୁ ଯଜ୍ଞ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ପୁତ୍ରର ସେଇ ପ୍ରଶ୍ନର ଉତ୍ତର ନ ଦେଇ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ବାଳକ ନଚିକେତା ଅନୁଭବ କଲେ ଯେ ପିତାଙ୍କର ବିଶ୍ୱଜିତ ଯଜ୍ଞ ନିଷ୍ଫଳ ହେବ । କାରଣ ପୁତ୍ର ସ୍ନେହରେ ଅନ୍ଧ ହୋଇ ସେ ପୁତ୍ରକୁ ଅପରକୁ ଦାନ କରିବାକୁ କୁଣ୍ଠିତ ହେଉଛନ୍ତି । ତେଣୁ ସେ ପୁନର୍ବାର ପିତାଙ୍କ ନିକଟକୁ ଯାଇ କହିଲେ, "ବାପା, ବିଶ୍ୱଜିତ ଯଜ୍ଞ ଫଳ ପାଇବାକୁ ଇଚ୍ଛା ଥିଲେ ମୋତେ ବାଧ ଅନ୍ୟକୁ ଦାନ କରନ୍ତୁ । କୁହନ୍ତୁ, ମୋତେ କାହାକୁ ଦାନ କଲେ ?" ଋଷି ବାଜଶ୍ରବା ଏଥର ବିରକ୍ତ ହୋଇ କହିଲେ, "ହଁ ଯମକୁ, ତୋତେ ଯମକୁ ମୁଁ ଦାନ କଲି ।"

i. ନଚିକେତାଙ୍କ ପିତାଙ୍କ ନାକ କ'ଣ ଥିଲା ? ସେ କେଉଁ ଯଜ୍ଞ କରୁଥିଲେ ?

Ans:- ନଚିକେତାଙ୍କ ପିତାଙ୍କ ନାମ ମହର୍ଷି ବାଜଶ୍ରବାଙ୍କର ଥିଲା । ସେ "ବିଶ୍ୱଜିତ୍" ଯଜ୍ଞ କରୁଥିଲେ ।

ii. ଯଜ୍ଞର ନିୟମ କଣ ଥିଲା ଓ ଋଷି ଅତିଥିମାନଙ୍କୁ କ'ଣ ଦାନ କରୁଥିଲେ ?

Ans:- ଯଜ୍ଞର ନିୟମ ହେଉଛି ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ଜଣ ଜଣ କରି ଅଭ୍ୟାଗତଙ୍କର ଅର୍ଚ୍ଚନା କରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଥିଲେ ।

iii. ନଚିକେତା କେଉଁ କାରଣରୁ ଦୁଃଖିତ ହେଲେ ?

Ans:- ନଚିକେତା ଯେତେବେଳେ ଦେଖିଲେ ବାପା ଅକର୍ମଣ ଓ ରୁଗ୍‌ଣ ଗାଈଗୁଡ଼ିକ ଦକ୍ଷିଣା ଦେଉଛନ୍ତି ସେତେବେଳେ ସେ ଦୁଃଖିତ ହେଲେ ।

iv. ପିତାଙ୍କ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ ବୋଲି ନଚିକେତା କାହିଁକି ଭାବିଲେ ?

Ans:- ପିତାଙ୍କ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ ବୋଲି ନଚିକେତା ଭାବିଲେ କାରଣ ପିତା ଅକର୍ମଣ୍ୟ ଓ ରୁଗଣ ଗାଈଗୁଡ଼ିକୁ ଦାନ କରୁଥିଲେ ।

v. ଋଷି ବାଜଶ୍ରବା ବିରକ୍ତ ହୋଇ ନଚିକେତାଙ୍କୁ କ'ଣ କହିଥିଲେ ?

Ans:- ଋଷି ବାଜଶ୍ରବା ବିରକ୍ତ ହୋଇ ନଚିକେତାଙ୍କୁ କହିଥିଲେ "ହଁ ଯମକୁ, ତୋତେ ଯମକୁ ଦାନ କଲି ।"

## ୬. ଇଂରେଜ ବୈରୀ ସିରାଜ

ବୃଦ୍ଧ ନବାବ ଚିର ଦିନ ପାଇଁ ଚକ୍ଷୁ ମୁଦ୍ରିତ କଲେ । ସିରାଜ ମହାସମାରୋହରେ ପ୍ରସିଦ୍ଧ ମୁର୍ଶିଦାବାଦ ରାଜ ସିଂହାସନ ଅଂଳକୃତ କଲେ, ସେବେଳକୁ ତାଙ୍କର ବୟସ ସପ୍ତଦଶ ବର୍ଷ ମାତ୍ର । ଏଣିକି ତାଙ୍କ ଭୟରେ କଲିକତାର ଇଂରେଜମାନେ ଥରହର ହେବାକୁ ଲାଗିଲେ ।

ଏହି ସମୟରେ ଦୁଇଟି ବିଶିଷ୍ଟ ଘଟଣା ସଂଘଟିତ ହେଲା । ରାଜବଲ୍ଲମ ନାମରେ ଢାକାରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ରାଜକୀୟ ଧନ ଆତ୍ମସାତ୍ କରିଥିବା ଅଭିଯୋଗରେ କାରରୁଦ୍ଧ ହେଲେ । ସେହି ସମ୍ବାଦ ପାଇ ତାଙ୍କ ପୁତ୍ର କୃଷ୍ଣବଲ୍ଲଭ ପିତାଙ୍କର ସମସ୍ତ ଅସ୍ଥାବର ସମ୍ପତ୍ତି ସହ ଗୋପନରେ କଲିକତାକୁ ପଳାୟନ କଲେ । ଇଂରେଜମାନେ ତାଙ୍କୁ ସେଠାରେ ଅଭୟ ଆଶ୍ରୟ ଦେଇ ଅନ୍ୟାୟର ପକ୍ଷ ସମର୍ଥନ କଲେ ।

ଦ୍ୱିତୀୟ ଘଟଣାଟି ହେଉଛି ଆହୁରି ଗୁରୁତର ସ୍ୱର୍ଗତ ନବାବ ଆଲିବର୍ଦ୍ଧିଙ୍କର ନିର୍ଦ୍ଦେଶ ଥିଲା, ଇଂରେଜମାନେ ଆଉ କୌଣସି ନୂତନ ଜିଲ୍ଲା ନିର୍ମାଣ କରିପାରିବେ ନାହିଁ । କିନ୍ତୁ ଗୁପ୍ତଚର ମୁଖରୁ ସିରାଜଙ୍କର ଶ୍ରୁତିଗୋଚର ହେଲା ଯେ ଇଂରେଜମାନେ ବର୍ତ୍ତମାନ ସେହି ସର୍ତ୍ତ ଲଂଘନ କରି କଲିକତାରେ ପୁରାତନ ଦୁର୍ଗକୁ ସଂସ୍କାର କରିବା ସଙ୍ଗେ ସଙ୍ଗେ ବାଗବାଜାରରେ ଗୋଟିଏ ନୂତନ ଉପଦୁର୍ଗ ମଧ୍ୟ ନିର୍ମାଣ କରୁଛନ୍ତି ।

ସିରାଜ ଏ ଦୁଇ ଘଟଣାରୁ ଇଂରେଜମାନଙ୍କ ଗୁପ୍ତ ଅଭିସନ୍ଧି ସ୍ପଷ୍ଟ ବୁଝି ପାରିଲେ ଏହି ଅବୈଧ କାର୍ଯ୍ୟର ଘୋର ପ୍ରତିବାଦ କରି ସେ କଲିକତାସ୍ଥ ଇଂରେଜମାନଙ୍କ ଗଭର୍ଣ୍ଣର ଡେକ୍ ସାହେବଙ୍କ ନିକଟକୁ ଦୂତ ହସ୍ତରେ ଖଣ୍ଡିଏ ପତ୍ର ପ୍ରେରଣ କଲେ । ଯଥା ସମୟରେ ଦୂତ ଯାଇ ଗଭର୍ଣ୍ଣରଙ୍କୁ ପତ୍ରଟି ଦେଲା, ମାତ୍ର ଉଦ୍ଧତ ଡେକ୍ କୌଣସି କଥା ବିଚାରକୁ ନ ନେଇ ଉକ୍ତ ଦୂତକୁ ନାନା ଭାବରେ ଅପମାନିତ କରି ସେଠାରୁ ତଡ଼ି ଦେଲେ ।

ଦୂତ ପ୍ରତି ଏତାଦୃଶ ଅପମାନର ଅର୍ଥ ସ୍ୱୟଂ ନବାବଙ୍କ ପ୍ରତି ଅପମାନ । ସିରାଜ ଏହା ଶୁଣି ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠିଲେ । ମୁଷ୍ଟିମେୟ ଦଳେ ଫିରିଙ୍ଗି ସଉଦାଗର ଯଦି ପଦେ ପଦେ ନବାବଙ୍କ ଆଦେଶ ଲଂଘନ କରି ତାଙ୍କୁ ଅପମାନ ଦେବାକୁ ସାହସ କରନ୍ତି ତାହା ହେଲେ ନବାବ ପଦର ମର୍ଯ୍ୟାଦା ରହିଲା କେଉଁଠାରେ ? ତେଣୁ ଫିରିଙ୍ଗିମାନଙ୍କ ଆସ୍ଫାଳନ ଚୂର୍ଣ୍ଣ କରିବା ହେଲା ତାଙ୍କର ପ୍ରଥମ କର୍ତ୍ତବ୍ୟ ।

ସଙ୍ଗେ ସଙ୍ଗେ ଇରୋଜମାନଙ୍କ ସହିତ ସିରାଜଙ୍କର ସଂଘର୍ଷ ଆରମ୍ଭ ହେଲା । ସିରାଜ ସୈନ୍ୟଦଳ ଘେନି କାଶିମ ବଜାରରେ ଉପସ୍ଥିତ ହେଲେ । ସେଠାରେ ଇଂରେଜମାନଙ୍କ କୋଠି ଓ କିଲ୍ଲା ଥାଏ ।

i. ବଙ୍ଗଳାର ବୃଦ୍ଧ ନବାବଙ୍କ ନାମ କ'ଣ ଥିଲା ?

Ans:- ବଙ୍ଗଳାର ବୃଦ୍ଧ ନବାବଙ୍କ ନାମ ଆଲିବର୍ଦ୍ଧି ଥିଲା ।

ii. ନବାବ ହେଲା ବେଳକୁ ସିରାଜଙ୍କୁ କେତେ ବର୍ଷ ହୋଇଥିଲା ?

Ans:- ନବାବ ହେଲା ବେଳକୁ ସିରାଜଙ୍କୁ ସପ୍ତଦଶ ବର୍ଷ ହୋଇଥିଲା ।

iii. କୃଷ୍ଣବଲ୍ଲଭ କିଏ ? ସେ କ'ଣ କଲେ ?

Ans:- କୃଷ୍ଣବଲ୍ଲଭ ରାଜବଲ୍ଲଭଙ୍କ ପୁତ୍ର । ସେ ପିତାଙ୍କ ସମସ୍ତ ଅସ୍ଥାବର ସମ୍ପତ୍ତି ସହ ଗୋପରେ କଲିକତାକୁ ଳାୟନ କଲେ ।

iv. ଇଂରେଜମାନଙ୍କର କଲିକତାରେ ୁରାତନ ଦୁର୍ଗ ସଂସ୍କାର ଓ ବାଗ ବଜାରରେ ନୂତନ ଉଦୁର୍ଗ ନିର୍ମାଣ ଖବର କିଏ ସିରାଜଙ୍କୁ ଦେଲା ?

Ans:- ଏହି ଖବର ଗୁପ୍ତଚରଙ୍କ ମୁଖରୁ ସିରାଜଙ୍କୁ ଅବଗତ ହେଲା ।

v. ଗଭର୍ଣ୍ଣର ଡେକଙ୍କ ଉପରେ ସିରାଜ କାହିଁକି ରାଗିଗଲେ ?

Ans:- ଗଭର୍ଣ୍ଣର ଡେକ ଦୂତଙ୍କୁ ଅପମାନିତ କରି ତଡ଼ିଦେଇ ଥିଲେ, ତେଣୁ ସିରାଜ ତାଙ୍କ ଉପରେ ରାଗିଥିଲେ ।

## ୭. ବ୍ୟାକରଣ

### (i) ପ୍ରତିଶବ୍ଦ

| | ଶବ୍ଦ | | ପ୍ରତିଶବ୍ଦ |
|---|---|---|---|
| ୧. | ଆନନ୍ଦ | - | ସୁଖ, ହର୍ଷ |
| ୨. | ଅତିଥି | - | ଅଭ୍ୟାଗତ, ଆଗନ୍ତୁକ |
| ୩. | ମେଘ | - | ନୀରଦ, ବାରିଦ |
| ୪. | ରାଜା | - | ନୃପ, ନୃପତି |
| ୫. | ଜଳ | - | ନୀର, ପୟ |
| ୬. | ଝିଅ | - | କନ୍ୟା, ଦୁହିତା |
| ୭. | ପକ୍ଷୀ | - | ଖଗ, ଦ୍ୱିଜ |
| ୮. | ଦେହ | - | ଶରୀର, ତନୁ |

| | | | |
|---|---|---|---|
| ୯. | ନଡ଼ିଆ | - | ନାରିକେଳ, ଶ୍ରୀଫଳ |
| ୧୦. | ଅମ୍ବର | - | ଆକାଶ, ଗଗନ, ବ୍ୟୋମ, ନଭ, ଅନ୍ତରୀକ୍ଷ |
| ୧୧. | ଅଗ୍ନି | - | ଅନଳ, ହୁତାଶନ, ଚିତ୍ରଭାନୁ, ବହ୍ନି, ନିଆଁ, ଜ୍ୱଳନ, |
| ୧୨. | ଅସୁର | - | ରାକ୍ଷସ, ଦନୁଜ, ଦାନବ, ଦୈତ୍ୟ, କର୍ବୁର, କୌଣପନିଶାଚର, ଯାତୁଧାନ |
| ୧୩. | ଗାଈ | - | ଧେନୁ, ଗାଭୀ, ଗୋମାତା |
| ୧୪. | ଘର | - | ଗୃହ, ଭବନ, ସଦନ, ଆଗାର, ଆଳୟ, ନିକେତନ, ନିଳୟ, ନିବାସ |
| ୧୫. | ଘୋଡ଼ା | - | ଘୋଟକ, ତୁରଙ୍ଗ, ତୁରଗ, ତୁରଙ୍ଗମ, ଅଶ୍ୱ, ହୟ, ବାଜି |
| ୧୬. | ଚକ୍ଷୁ | - | ନୟନ, ନେତ୍ର, ଲୋଚନ, ଆଖି |
| ୧୭. | ଚନ୍ଦ୍ର | - | ଜହ୍ନ, ଚନ୍ଦ୍ରମା, ଇନ୍ଦୁ, ମୃଗାଙ୍କ, ଶଶାଙ୍କ, କଳାକାର, ସୁଧାକର, ଶଶୀ, ବିଧୁ, ଚାନ୍ଦ, କଳାନିଧି |
| ୧୮. | ଦେବତା | - | ଦେବ, ଅମର |
| ୧୯. | ନଦୀ | - | ତଟିନୀ, ତରଙ୍ଗିଣୀ |
| ୨୦. | ପୃଥିବୀ | - | ଧରଣୀ, ଅବନୀ, ଧରଣୀ |
| ୨୧. | ପବନ | - | ବାତ, ସମୀର, ବାୟୁ |
| ୨୨. | ପର୍ବତ | - | ଗିରି, ଶୈଳ |
| ୨୩. | ପଦ୍ମ | - | ପଙ୍କଜ, କମଳ |
| ୨୪. | ପିତା | - | ଜନକ, ବାପା |
| ୨୫. | ପୁତ୍ର | - | କୁମର, ତନୟ |
| ୨୬. | ପୋଖରୀ | - | ପୁଷ୍କରିଣୀ, ସରୋବର |
| ୨୭. | ପ୍ରଭାତ | - | ଊଷା, ପ୍ରତ୍ୟୁଷ |
| ୨୮. | ଫୁଲ | - | ସୁମନ, କୁସୁମ, ପୁଷ୍ପ |
| ୨୯. | ବୃକ୍ଷ | - | ଦ୍ରୁମ, ତରୁ, ମହୀରୁହ |
| ୩୦. | ବିଜୁଳି | - | ବିଦ୍ୟୁତ୍, ଚପଳା, ଚଞ୍ଚଳା, କ୍ଷଣପ୍ରଭା |

**(ii) ବିପରୀତାର୍ଥବୋଧକ ଶବ୍ଦ**

| | | | |
|---|---|---|---|
| ୧. | ଅଗ | - | ମୂଳ |
| ୨. | ଅଗ୍ରଜ | - | ଅନୁଜ |
| ୩. | ଆମଦାନୀ | - | ରପ୍ତାନୀ |
| ୪. | ବିପଦ | - | ନିରାପଦ |
| ୫. | ଆଦାନ | - | ପ୍ରଦାନ |
| ୬. | ଆଗ | - | ପଛ |
| ୭. | ଅଧିକ | - | ଅନଧିକ/ଊଣା |
| ୮. | ଅନୁରାଗ | - | ବିରାଗ |
| ୯. | ଅନୁକୂଳ | - | ପ୍ରତିକୂଳ |
| ୧୦. | ଅମୃତ | - | ବିଷ/ହଳାହଳ |
| ୧୧. | ଅନୁରକ୍ତ | - | ବିରକ୍ତ |
| ୧୨. | ଅନୁଗ୍ରହ | - | ନିଗ୍ରହ |
| ୧୩. | ଅପେକ୍ଷା | - | ଉପେକ୍ଷା |
| ୧୪. | ଅଭିଜ୍ଞ | - | ଅନଭିଜ୍ଞ |
| ୧୫. | ଅସଲ | - | ନକଲ |
| ୧୬. | ଅଲଣା | - | ଲୁଣିଆ |
| ୧୭. | ଅବାଧ | - | ବାଧ |

| | | | |
|---|---|---|---|
| ୧୮. | ଆନନ୍ଦ | - | ନିରାନନ୍ଦ, ବିଷାଦ |
| ୧୯. | ଆପଣା | - | ପର |
| ୨୦. | ଆଲୁଅ | - | ଅନ୍ଧାର |
| ୨୧. | ଆସ୍ତିକ | - | ନାସ୍ତିକ |
| ୨୨. | ଆଶୀର୍ବାଦ | - | ଅଭିଶାପ |
| ୨୩. | ଆବିର୍ଭାବ | - | ତିରୋଗାବ/ତିରୋଧାନ |
| ୨୪. | ଆବାହନ | - | ବିସର୍ଜନ |
| ୨୫. | ଆଦାନ | - | ପ୍ରଦାନ |
| ୨୬. | ଆରୋହ | - | ଅବରୋହ |
| ୨୭. | ଆରୋଣ | - | ଅବରୋହଣ |
| ୨୮. | ଅତୀତ | - | ବର୍ତ୍ତମାନ |
| ୨୯. | ଇହ | - | ପର |
| ୩୦. | କଠିନ | - | କୋମଳ |

## (iii) ସମୋଚ୍ଚାରିତ ଶବ୍ଦ

| | | | |
|---|---|---|---|
| ୧. | ଅନିଳ | - | ପବନ |
| | ଅନୀଳ | - | ଯାହା ନୀଳ ନୁହେଁ |
| ୨. | ଅବାଧ | - | ବାଧାହୀନ |
| | ଅବାଧ୍ୟ | - | ଅମାନିଆ |
| ୩. | ଅଶୀ | - | ସଂଖ୍ୟା ସୂଚକ |
| | ଅସି | - | ଖଣ୍ଡା |
| ୪. | ଆବରଣ | - | ଘୋଡ଼ାଇବା |
| | ଆଭରଣ | - | ଭୂଷଣ |
| ୫. | କୋମଳ | - | ନରମ |
| | କମଳ | - | ପଦ୍ମ |
| ୬. | ଖତ | - | ସାର |
| | କ୍ଷତ | - | ଘାଆ |
| ୭. | କୁଳ | - | ବଂଶ |
| | କୂଳ | - | ନଦୀ, ସାଗର ତୀର |
| ୮. | ନିତି | - | ପ୍ରତ୍ୟହ |
| | ନୀତି | - | ନିୟମ |
| ୯. | ନିଧନ | - | ବିନାଶ |
| | ନିର୍ଦ୍ଧନ | - | ଧନହୀନ |
| ୧୦. | ଅନ୍ନ | - | ଭାତ |
| | ଅର୍ଣ୍ଣ | - | ଜଳ |
| ୧୧. | ଅଳିକ | - | ଲଲାଟ |
| | ଅଳୀକ | - | ମିଥ୍ୟା |
| ୧୨. | ଆହୁତି | - | ଯଜ୍ଞରେ ଘୃତ ଆହୁତି |
| | ଆହୂତି | - | ଆହ୍ୱାନ |
| ୧୩. | ଆୟତ | - | କ୍ଷେତ୍ର ବିଶେଷ |
| | ଆୟତ୍ତ | - | ଅଧୀନ |

| | | | |
|---|---|---|---|
| ୧୪. | ଆବୃତ | - | ଆଚ୍ଛାଦିତ |
| | ଆବୃତ୍ତ | - | ଅଭ୍ୟାସ / ପୁନଃ ପୁନଃ ଉଚ୍ଚାରିତ |
| ୧୫. | ଇତି | - | ଶେଷ |
| | ଈତି | - | ଅତିବୃଷ୍ଟି ଏବଂ ଅନାବୃଷ୍ଟି |
| ୧୬. | ଈଶ | - | ଈଶ୍ୱର |
| | ଈଷ | - | ଲଙ୍ଗଳ ଦଣ୍ଡ |
| ୧୭. | ଉପାଦାନ | - | ଉପକରଣ |
| | ଉପାଧାନ | - | ତକିଆ |
| ୧୮. | କୁଳ | - | ବଂଶ |
| | କୂଳ | - | ତଟ |
| ୧୯. | କୁଜନ | - | ଖରାପଲୋକ |
| | କୂଜନ | - | ପକ୍ଷୀର ରବ |
| ୨୦. | କୃତି | - | କାର୍ଯ୍ୟ |
| | କୃତୀ | - | ଦକ୍ଷ |
| ୨୧. | କାଳୀ | - | ଦୁର୍ଗା |
| | କାଳି | - | କାଳିମା / ବାକି |
| ୨୨. | ଗିରିଶ | - | ମହାଦେବ |
| | ଗିରୀଶ | - | ଗିରିଶ୍ରେଷ୍ଠ (ହିମାଳୟ) |
| ୨୩. | ଗୁଣି | - | ତନ୍ତ୍ରବିଦ୍ୟା |
| | ଗୁଣୀ | - | ଗୁଣବାନ |
| ୨୪. | ଚରିତ | - | କଥା / ବିଷୟ |
| | ଚରିତ୍ର | - | ଆଚରଣ |
| ୨୫. | ଚିର | - | ଦୀର୍ଘଦିନ |
| | ଚୀର | - | ଚିରା / ଛିଣ୍ଡାକନା |
| ୨୬. | ଚୂତ | - | ଆମ୍ର |
| | ଚ୍ୟୁତ | - | ସ୍ଖଳିତ |
| ୨୭. | ଜବ | - | ବେଗ |
| | ଯବ | - | ଶସ୍ୟ ବିଶେଷ |
| ୨୮. | ଜାତ | - | ଜନ୍ମ ହୋଇଥିବା / ଉତ୍ପନ୍ନ |
| | ଯାତ | - | ଯାତ୍ରା / ଯାଇଥିବା |
| ୨୯. | ତରଣି | - | ସୂର୍ଯ୍ୟ |
| | ତରଣୀ | - | ନୌକା |
| ୩୦. | ଦିନ | - | ଦିବସ |
| | ଦୀନ | - | ଦରିଦ୍ର / ଗରିବ |

(iv) **ଅଶୁଦ୍ଧ - ଶୁଦ୍ଧ**

| | | | |
|---|---|---|---|
| ୧. | ଧନି | - | ଧନୀ |
| ୨. | ଦୋଷି | - | ଦୋଷୀ |
| ୩. | ବ୍ରତମାନ | - | ବର୍ତ୍ତମାନ |
| ୪. | ଖୁଦ୍ର | - | କ୍ଷୁଦ୍ର |
| ୫. | ମୁହୁର୍ତ୍ତ | - | ମୁହୂର୍ତ୍ତ |

| | | | |
|---|---|---|---|
| ୬. | କର | - | କ୍ର |
| ୭. | ବିସାଦ | - | ବିଷାଦ |
| ୮. | ମୃଷା | - | ମୃଷା |
| ୯. | ମୁଖସ୍ତ | - | ମୁଖସ୍ଥ |
| ୧୦. | ଉତ୍କଳିୟ | - | ଉତ୍କଳୀୟ |
| ୧୧. | ଭୂବନେଶ୍ୱର | - | ଭୁବନେଶ୍ୱର |
| ୧୨. | ଭୂଲ | - | ଭୁଲ୍ |
| ୧୩. | ତ୍ରିଭୂଜ | - | ତ୍ରିଭୁଜ |
| ୧୪. | ମୂଖ୍ୟ | - | ମୁଖ୍ୟ |
| ୧୫. | ମୁକ | - | ମୂକ |
| ୧୬. | ଆଶୀଷ | - | ଆଶିଷ |
| ୧୭. | ଆରତୀ | - | ଆରତି |
| ୧୮. | ଜୀବୀତ | - | ଜୀବିତ |
| ୧୯. | ଆନୁସଙ୍ଗିକ | - | ଆନୁଷଙ୍ଗିକ |
| ୨୦. | ଗୋଲକ ବିହାରୀ | - | ଗୋଲୋକ ବିହାରୀ |
| ୨୧. | ଲଜ୍ୟା | - | ଲଜ୍ଜା |
| ୨୨. | ଧନୀକ | - | ଧନିକ |
| ୨୩. | ପ୍ରଚୂର | - | ପ୍ରଚୁର |
| ୨୪. | ପତିତପାବିନୀ | - | ପତିତପାବନୀ |
| ୨୫. | ଶ୍ରୀକୃର୍ଷ୍ଣ | - | ଶ୍ରୀକୃଷ୍ଣ |
| ୨୬. | ଦୂର୍ଗା | - | ଦୁର୍ଗା |
| ୨୭. | ସାହାସ | - | ସାହସ |
| ୨୮. | ସାହାର୍ଯ୍ୟ | - | ସାହଯ୍ୟ |
| ୨୯. | ନିରୁପଣ | - | ନିରୂପଣ |
| ୩୦. | ପ୍ରତିଯୋଗୀତା | - | ପ୍ରତିଯୋଗିତା |

**(v) ଅର୍ଥ ପ୍ରକାଶ କର ।**

| | | | |
|---|---|---|---|
| ୧. | ମାମୁଲି କଥା | - | ସାଧାରଣ କଥା |
| ୨. | ପିଠିରେ ପଡ଼ିବା | - | ସାହାଯ୍ୟ କରିବା |
| ୩. | ଭେଳା ବୁଡ଼ିବା | - | ସର୍ବନାଶ ଘଟିବା |
| ୪. | ଫାଙ୍କି ଦେବା | - | ଠକି ଦେବା |
| ୫. | ନାକ ଟେକିବା | - | ଘୃଣା କରିବା |
| ୬. | ଦାନ୍ତ ଦେଖାଇବା | - | ପରିହାସ କରିବା |
| ୭. | ନାଟର ଗୋବର୍ଦ୍ଧନ | - | ସବୁ କଳହର ମଞ୍ଜି |
| ୮. | ବେଢ଼ି ଉପରେ କୋରଡ଼ା | - | ଦୁଃଖ ଉପରେ ଦୁଃଖ |
| ୯. | ଭୁଆଁ ବୁଲେଇବା | - | ଭଣ୍ଡାଇବା |
| ୧୦. | ବଣ ବିଛୁଆତି | - | ଜନ୍ମରୁ ଦୁଷ୍ଟ |

**(vi) ଏକ ପଦରେ ପ୍ରକାଶ କର ।**

| | | | |
|---|---|---|---|
| ୧. | ନାହିଁ କ୍ଷୟ ଯାହାର | - | ଅକ୍ଷୟ |
| ୨. | ନ ଉର୍ବର | - | ଅନୁର୍ବର |
| ୩. | ଜୀବନ ଥିବା ପର୍ଯ୍ୟନ୍ତ | - | ଆଜୀବନ |

୪. ଅଦିନରେ ଜାତ - ଅଦିନିଆ
୫. ଯାହାର ତୁଳନା ନାହିଁ - ଅତୁଳନୀୟ
୬. ମରଣ ପର୍ଯ୍ୟନ୍ତ - ଆମରଣ
୭. ପଛେ ପଛେ ଯିବା - ଅନୁଗମନ
୮. ଯାହା କୃତ୍ରିମ ନୁହେଁ - ଅକୃତ୍ରିମ
୯. ଅଳ୍ପ ବୟସ ହୋଇଛି ଯାହାର - ଅଳ୍ପବୟସ୍କ
୧୦. ପଛରେ ଯେ ଜନ୍ମ ହୋଇଅଛି - ଅନୁଜ

(vii) ଗୋଟିଏ ଶବ୍ଦକୁ ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ କର

୧. କର - ହାତ, ଖଜଣା
୨. ଗୁରୁ - ଶିକ୍ଷକ, ଶ୍ରେଷ୍ଠ
୩. ଗୁଣ - ସ୍ୱଭାବ, ଗୁଣନ
୪. ଅର୍ଥ - ଉଦ୍ଦେଶ୍ୟ, ମୁଦ୍ରା
୫. ଅଙ୍କ - କୋଳ, ସଂଖ୍ୟା
୬. ପକ୍ଷ - ପାର୍ଶ୍ୱ, ଡେଣା
୭. ଉତ୍ତର - ଜବାବ, ଦିଗ
୮. ଅମ୍ବର - ବସ୍ତ୍ର, ଆକାଶ
୯. ଦଣ୍ଡ - ଯଷ୍ଟି, ଶାସ୍ତି
୧୦. ବର - ଆଶୀର୍ବାଦ, ସ୍ୱାମୀ

(viii) ବାକ୍ୟଗୁଡ଼ିକ ଠିକ୍ କରି ଲେଖ :-

(୧) ବ୍ୟାକରଣଗତ ଅଶୁଦ୍ଧି -

(୨) ଅବ୍ୟବସ୍ଥ ବାକ୍ୟଗୁଡ଼ିକର ସଜ୍ଜୀକରଣ

୧. ପ୍ରଶ୍ନ - ବଡ଼ ବଡ଼ ଯୋଜନାମାନ କାମ କଲେ ।
ଉତ୍ତର - ବଡ଼ ଯୋଜନାମାନ କାମ କଲା ।

୨. ପ୍ରଶ୍ନ - ବହୁ ଘଟଣାବଳୀ ଘଟୁଛି ।
ଉତ୍ତର - ବହୁ ଘଟଣା ଘଟୁଛି ।

୩. ପ୍ରଶ୍ନ - ଅନେକଗୁଡ଼ିଏ ଗଛମାନ ମରିଗଲେ ।
ଉତ୍ତର - ଅନେକ ଗଛ ମରିଗଲେ ।

୪. ପ୍ରଶ୍ନ - ବହୁ ଲୋକମାନେ ରୁଣ୍ଡ ହୋଇଥିଲେ ।
ଉତ୍ତର - ଲୋକମାନେ ରୁଣ୍ଡ ହୋଇଥିଲେ ।

୫. ପ୍ରଶ୍ନ - ଆବାଳବୃଦ୍ଧବନିତାଗଣ ସଭାରେ ଉପସ୍ଥିତ ଥିଲେ ।
ଉତ୍ତର - ଆବାଳବୃଦ୍ଧବନିତା ସଭାରେ ଉପସ୍ଥିତ ଥିଲେ ।

୬. ପ୍ରଶ୍ନ - ନୁହେଁ ଉଚିତ କରିବା କଳହ ବୃଥା । (ଅବ୍ୟବସ୍ଥ ବାକ୍ୟ)
ଉତ୍ତର - ବୃଥା କଳହ କରିବା ଉଚିତ ନୁହେଁ । (ସଜ୍ଜିତ ବାକ୍ୟ)

୭. ପ୍ରଶ୍ନ - ଖରା ହୁଏ ଟାଣ ମାସରେ ଜ୍ୟେଷ୍ଠ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ଜ୍ୟେଷ୍ଠ ମାସରେ ଟାଣ ଖରା ହୁଏ । (ସଜ୍ଜିତ ବାକ୍ୟ)

୮. ପ୍ରଶ୍ନ - ଜନସେବକ ନୁହଁନ୍ତି ନେତା ଆଜିକାଲି ସବୁ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ଆଜିକାଲି ସବୁ ନେତା ଜନସେବକ ନୁହଁନ୍ତି । (ସଜ୍ଜିତ ବାକ୍ୟ)

୯. ପ୍ରଶ୍ନ - ଆସିଥିଲେ ଯାତ୍ରା ବାହୁଡ଼ା ଲୋକ ଦେଖିବାକୁ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ବାହୁଡ଼ା ଯାତ୍ରା ଦେଖିବାକୁ ବହୁତ ଲୋକ ଆସିଥିଲେ । (ସଜ୍ଜିତ ବାକ୍ୟ)

(ix) ରୂଢ଼ି :

| | | |
|---|---|---|
| ୧. | ଘୁଷୁରିକୁ ପାଚିଲା କଦଳୀ | - ଅଯୋଗ୍ୟକୁ ଦାନ ଦେବା । |
| ୨. | ଅହିନକୁଳ ସମ୍ପର୍କ | - ଘୋର ଶତ୍ରୁତା । |
| ୩. | ଚକ୍ଷୁ କୁଟିବା | - ବୃଥା କାମ କରିବା । |
| ୪. | ଗାଁ କନିଆ ସିଙ୍ଘଣୀ ନାକୀ | - ନିଜ ଲୋକ ଭଲ ହେଲେ ବି ପସନ୍ଦ ନହେବା । |
| ୫. | ହାତରେ ନ ମାରି ଭାତରେ ମାରିବା | - ଜୀବିକା ନଷ୍ଟ କରିବା । |
| ୬. | ବାଘ ଘରେ ମିରିଗ ନାଟ | - ମୁରବୀ ଶୂନ୍ୟ ନିର୍ଭୀକତା । |
| ୭. | ଧରାକୁ ସରା ମନେ କରିବା | - ଅତି ଗର୍ବ କରିବା । |
| ୮. | ଚାଲି ନ ଜାଣି ବାଟର ଦୋଷ | - ନିଜ ଦୋଷ ଅନ୍ୟ ଉପରେ ପକାଇବା । |
| ୯. | ଗୋଦରା କୋଡ଼େ ଯେତେ ମାଡ଼େ ସେତେ | - ଆୟ ବ୍ୟୟ ସମାନ । |
| ୧୦. | ମୁହଁରେ ଲଗାମ ଦେବା | - କଥାକୁ ନିୟନ୍ତ୍ରଣରେ ରଖିବା । |
| ୧୧. | ବାପାରାଣ ଡ଼ିଙ୍କି ଗିଳ୍ | - ଅସାଧ କାର୍ଯ୍ୟ କରିବାକୁ ବାଧ କରିବା । |
| ୧୨. | କଅଁଳ ଲୁହାକୁ ବିଲେଇ କାମୁଡ଼େ | - ସରଳ ଲୋକକୁ ହଇରାଣ କରିବା । |
| ୧୩. | ଓଳିଆକୁ ପଡ଼ି ଗଜା | - ଜନ୍ମରୁ ଚତୁର । |
| ୧୪. | ଖାଇବା ପତ୍ରରେ ଧୂଳି ଦେବା | - ଜୀବିକା ନଷ୍ଟ କରିବା । |
| ୧୫. | ଉଧାର ମଣକ ପାଞ୍ଚ ପା' | - ଦୋଷ ଅନୁସାରେ ଫଳ । |
| ୧୬. | ଅଦା ବେପାରୀର ଜାହାଜ ମଉଲ | - ଅନାବଶ୍ୟକ ଚର୍ଚ୍ଚା । |
| ୧୭. | କଥା ମାନିଲେ ମୋଟ | - କୌଣସି ବିଷୟ ଅଧିକ ଆଲୋଚନା କଲେ ତାହାର ଅର୍ଥ ବଦଳିଯାଏ । |
| ୧୮. | କାଠିକର ପାଠ | - କଷ୍ଟସାଧ କାମ । |
| ୧୯. | କଣ୍ଟାଯିବା | - ଶତ୍ରୁନାଶ କରିବା । |
| ୨୦. | କୁହୁଡ଼ି ପହଁରିବା | - ବୃଥା କରିଶ୍ରମ । |
| ୨୧. | କୀଚକ ବାହୁବଳେ ବିରାଟ ରାଜ୍ୟ | - ଅନ୍ୟର ସାହାଯ୍ୟରେ ବାହାଦୂରୀ ମାରିବା । |
| ୨୨. | ଛାତି ପଥର କରିବା | - ଧୈର୍ଯ୍ୟ ଧରିବା । |
| ୨୩. | ଘରେ ନ ପଶୁଣୁ ଚଳା ବାଜିବା | - ଆରମ୍ଭରୁ ଅଶୁଭ । |
| ୨୪. | ଗୋଡ଼ ଟେକି ବସିବ | - ପ୍ରସ୍ତୁ ହୋଇ ରହିବା । |
| ୨୫. | ବିରାଡ଼ି କପାଳରୁ ଶିକା ଛିଣ୍ଡିଲା | - ଯେ ଯେଉଁ ସୁବିଧା ଚାହୁଁଥାଏ ତାହା ମିଳିବା, ଅକସ୍ମାତ ସୁଯୋଗ ମିଳିବା । |
| ୨୬. | ଯେମିତି ଠାକୁର ସେମିତି ପୂଜା | - ଗୁଣ ଘେନି ଆଦର । |
| ୨୭. | ଯେ ପକ୍ଷୀ ଉଡ଼େ ଯେତେ ଦୂର | - ଅଭିଜ୍ଞତା ସଫଳତାର ମାପକାଠି । |
| ୨୮. | କୁଟା ଖଣ୍ଡକ ଦି'ଖଣ୍ଡ ନ କରିବା | - କିଛି କାମ ନ କରିବା । |
| ୨୯. | ସଭାରେ ହାଣ୍ଡି ଭାଙ୍ଗିବା | - ଗୁପ୍ତକଥା ପ୍ରଘଟ କରିବା । |

୩୦. ବଗର ବେକ ବଢ଼ିଲେ ମୀନର ବିପତ୍ତି - ଶତ୍ରୁର ଶକ୍ତି ବୃଦ୍ଧି ହେଲେ ବିପଦ ଅଧିକ ହୁଏ ।

୩୧. ନଈ ସୁଅକୁ ବାଲି ବନ୍ଧ - ବୃଥା ପରିଶ୍ରମ ।

**ଏକ ପଦରେ ପ୍ରକାଶ କର :-**

୧. ନଭକୁ ଚୁମ୍ବନ କରୁଛି ଯେ - ନଭଶ୍ଚୁମ୍ବୀ ।

୨. ଆଦ୍ୟ ଓ ପ୍ରାନ୍ତ - ଆଦ୍ୟପ୍ରାନ୍ତ ।

୩. ସିଂହ ଚିହ୍ନିତ ଆସନ - ସିଂହାସନ ।

୪. ତିନି ଫଳର ସମାହାର - ତ୍ରିଫଳା ।

୫. ଯେ ନିଜ ଉପରେ ନିର୍ଭର କରେ - ଆତ୍ମନିର୍ଭର ।

୬. ଯେ ପର ଉପରେ ନିର୍ଭର କରେ - ପରନିର୍ଭର ।

୭. ପରିଶ୍ରମ କରି ଯେଉଁ ମୂଲ୍ୟ ମିଳେ - ପାରିଶ୍ରମିକ ।

୮. ଶତର ଏକ ଅଂଶ - ଶତାଂଶ ।

୯. ରାତିର ଅଧ - ଅଧରାତି ।

୧୦. ଧୈର୍ଯ୍ୟ ସହ ବିଦ୍ୟମାନ - ସଧୈର୍ଯ୍ୟ ।

୧୧. ଯନ୍ତ୍ରଣାରେ କ୍ଷୁବ୍ଧ - ଯନ୍ତ୍ରଣାକ୍ଷୁବ୍ଧ ।

୧୨. ମନର ଗହନ - ମନଗହନ ।

୧୩. ଧ୍ୟାନର ଯୋଗ - ଅନୁଧ୍ୟାନ ।

୧୪. ଅଗ୍ନିର ଶିଖା - ଅଗ୍ନିଶିଖା ।

୧୫. ରାସ୍ତା ଓ ଘାଟ - ରାସ୍ତାଘାଟ ।

୧୬. ଯେ ଗୁରୁ ସେ ଗମ୍ଭୀର - ଗୁରୁଗମ୍ଭୀର ।

୧୭. ନାହିଁ ଭୟ ଯାହାର - ନିର୍ଭୟ ।

୧୮. ସୀମା ଦ୍ୱାରା ଆବଦ୍ଧ - ସୀମାବଦ୍ଧ ।

୧୯. ଦୀର୍ଘ ଓ କାୟ - ଦୀର୍ଘକାୟ ।

୨୦. ଅସ୍ତ୍ର ଦ୍ୱାରା ଆଘାତ - ଅସ୍ତ୍ରାଘାତ ।

୨୧. ନଦୀର ଜଳ - ନଦୀଜଳ ।

୨୨. ବିଦ୍ୟାର ଆଳୟ - ବିଦ୍ୟାଳୟ ।

୨୩. ଋଣ କରେ ଯେ - ଋଣୀ

୨୪. ଅନୁସନ୍ଧାନ ପାଇଁ ଇଚ୍ଛୁକ - ଅନୁସନ୍ଧିତ୍ସୁ ।

୨୫. ପୁରୁଷମାନଙ୍କ ମଧ୍ୟରେ ଉତ୍ତମ - ପୁରୁଷୋତ୍ତମ ।

୨୬. ଏକ ହୋଇଛି ଆକାର - ଏକାକାର ।

୨୭. ପଦ୍ମ ପରି ପାଦ - ପଦ୍ମପାଦ ।

୨୮. ଦେବଙ୍କର ସଭା - ଦେବସଭା ।

୨୯. କୁଟୁମ୍ବ ସହ ବର୍ତ୍ତମାନ - ସକୁଟୁମ୍ବ ।

୩୦. ନ ଭେଦ - ଅଭେଦ ।

୩୧. ଭୂତମାନଙ୍କ ପତି - ଭୂତପତି ।

୩୨. ଶୂନ୍ୟ ଅଟେ ମାର୍ଗ - ଶୂନ୍ୟମାର୍ଗ ।

୩୩. ସୁ ଅଟନ୍ତି ନାରୀର - ସୁନାସୀର ।

୩୪. ଶିବଙ୍କର ପୂଜକ - ଶୈବ ।

୩୫. ବିମାନ ପରିଚାଳନାରେ ଦକ୍ଷ ବ୍ୟକ୍ତି - ବୈମାନିକ ।

୩୬. ବିଜ୍ଞାନର ନିପୁଣ ବ୍ୟକ୍ତି - ବୈଜ୍ଞାନିକ ।

୩୭. ପୁତ୍ର ପାଇଁ ଶୋକ - ପୁତ୍ରଶୋକ ।

# ପ୍ରବନ୍ଧ


୧। ଛାତ୍ରଜୀବନ

୨। ଛାତ୍ରଜୀବନ ଓ ଶୃଙ୍ଖଳା

୩। ଛାତ୍ରବିଶୃଙ୍ଖଳା

୪। ଦେଶ ଗଠନରେ ଛାତ୍ରର କର୍ତ୍ତବ୍ୟ

୫। ଛାତ୍ର ଓ ସମାଜସେବା

୬। ଛାତ୍ର ଓ ରାଜନୀତି

୭। ଛାତ୍ରଜୀବନରେ ନିୟମାନୁବର୍ତ୍ତିତା

୮। ନୈତିକ ଶିକ୍ଷା

୯। ସାକ୍ଷରତା ଅଭିଯାନ

୧୦। ତୁମର ଆଦର୍ଶ ଶିକ୍ଷକ

# ପ୍ରବନ୍ଧ

୧୧। ବିଦ୍ୟାଳୟ ପତ୍ରିକା ଓ ତାହାର ଉପକାରିତା

୧୨। ତୁମ ବିଦ୍ୟାଳୟର କୌଣସି ଏକ ସମ୍ବର୍ଦ୍ଧନା ଉତ୍ସବ

୧୩। ଜୀବନୀପାଠର ଉପାଦେୟତା

୧୪। ତୁମ ପଠିତ ପ୍ରିୟ ପୁସ୍ତକ

୧୫। ମୋର ପ୍ରିୟ କବି

୧୬। ଆଧୁନିକ ବିଜ୍ଞାନ ଓ ତାର ଭୂମିକା

୧୭। ଟେଲିଭିଜନ

୧୮। ଚଳଚ୍ଚିତ୍ର

୧୯। ବନୀକରଣ

୨୦। ଓଡ଼ିଶାର ଅରଣ୍ୟ ସମ୍ପଦ

# ପ୍ରବନ୍ଧ

୨୧। ଓଡ଼ିଶାର କୁଟୀର ଶିଳ୍ପ

୨୨। ସ୍ୱାସ୍ଥ୍ୟ ହିଁ ସମ୍ପଦ

୨୩। ଅଂଶୁଘାତ ଓ ତା'ର ପ୍ରତିକାର

୨୪। ବେକାର ସମସ୍ୟା ଓ ତା'ର ସମାଧାନ

୨୫। ଓଡ଼ିଶାର ବନ୍ୟା ସମସ୍ୟା ଓ ତା'ର ନିରାକରଣ

୨୬। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ

୨୭। ପରିବେଶ ପ୍ରଦୂଷଣ ଓ ତା'ର ପ୍ରତିକାର

୨୮। କ୍ରିକେଟ୍

୨୯। ଓଡ଼ିଶାର ପର୍ବପର୍ବାଣୀ

୩୦। ପଲ୍ଲୀର ବର୍ଷାକାଳୀନ ଶୋଭା

୩୧। ଶୀତକାଳୀନ ପଲ୍ଲୀର ଦୃଶ୍ୟ

୩୨। ବସନ୍ତ ଋତୁ

୩୩। ଗ୍ରୀଷ୍ମଋତୁ

୩୪। ଉତ୍କଳ ଦିବସ

୩୫। ଏକ ଦର୍ଶନୀୟ ସ୍ଥାନର ବର୍ଣ୍ଣନା

୩୬। ଦେଶ ପର୍ଯ୍ୟଟନ

୩୭। ସମ୍ବାଦପତ୍ର

# ପତ୍ରଲିଖନ

୧। ଜନ୍ମଦିବସ ଉପଲକ୍ଷେ ମାମୁଁଙ୍କ ଠାରୁ ଉପହାରଟି ପାଇଲା ପରେ କୃତଜ୍ଞତାଜ୍ଞାପନ ପୂର୍ବକ ତାଙ୍କ ନିକଟକୁ ପତ୍ର ଲେଖ।

୨। ମାତୃବିୟୋଗ ଘଟିଥିବା ଜନୈକ ବନ୍ଧୁଙ୍କ ନିକଟକୁ ଏକ ସାନ୍ତ୍ୱନାମୂଳକ ପତ୍ର ଲେଖ।

୩। ଟଙ୍କା ପଠାଇବା ପାଇଁ ମାତାଙ୍କ ନିକଟକୁ ପତ୍ର ଲେଖ।

୪। ଘରର ସୁବିଧା ଅସୁବିଧା ବର୍ଣ୍ଣନା କରି ଦୂରରେ ରହୁଥିବା ବଡ଼ ଭାଇଙ୍କ ନିକଟକୁ ପତ୍ର ଲେଖ।

୫। ତୁମର ଜନୈକା ସାଙ୍ଗ ପରୀକ୍ଷାରେ ସାଫଲ୍ୟ ଅର୍ଜନ କରିଛନ୍ତି। ତାକୁ ଅଭିନନ୍ଦନ ଜଣାଇ ପତ୍ର ଲେଖ।

୬। ଅଧ୍ୟୟନରେ ଅବହେଳା ପ୍ରଦର୍ଶନ କରୁଥିବା ତୁମ ସାନଭାଇ ପାଖକୁ ଏକ ଉପଦେଶପୂର୍ଣ୍ଣ ପତ୍ର ଲେଖ।

୭। ବିଦ୍ୟାଳୟର ଛାତ୍ରାବାସରେ ସ୍ଥାନ ପାଇବା ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଏକ ଦରଖାସ୍ତ ଲେଖ।

୮। ବିଦ୍ୟାଳୟର ଗରିବ ଛାତ୍ର ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ।

୯। ତୁମ ଅଞ୍ଚଳରେ ହଇଜାର ପ୍ରାଦୁର୍ଭାବ ଦେଖାଦେଇଛି। ଏହାର ନିରାକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ।

୧୦। ତୁମ ଅଞ୍ଚଳରେ ମରୁଡ଼ିର ପ୍ରତିକାର ବିଧାନ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ।

# ପତ୍ରଲିଖନ

୧୧। ଗ୍ରାମରେ ନଳକୂପ ଖନନ ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ।

୧୨। ତୁମ ଗ୍ରାମରେ ଘନ ଘନ ଚୋରି ହେଉଛି, ଏହାର ନିରାକରଣ ପାଇଁ ଥାନା ଅଧିକାରୀଙ୍କ ନିକଟକୁ ଦରଖାସ୍ତ।

୧୩। ତୁମେ ତୁମ ବନ୍ଧୁଙ୍କ ନିକଟକୁ ପଠାଇଥିବା ମନିଅର୍ଡର ସେ ପାଇ ନାହାନ୍ତି, ଏ ସମ୍ପର୍କରେ ଓଡ଼ିଶାର ମୁଖ୍ୟ ମହାଡାକପାଳଙ୍କୁ ଏକ ଅଭିଯୋଗ ପତ୍ର ଲେଖ।

୧୪। ତୁମ ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଲେଖ।

୧୫। ତୁମ ଅଞ୍ଚଳରେ ବାରମ୍ବାର ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏହାର ପ୍ରତିକାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ।

୧୬। ଗ୍ରାମ ରାସ୍ତା ମରାମତି ପାଇଁ ସରପଞ୍ଚଙ୍କ ନିକଟକୁ ଦରଖାସ୍ତ।

୧୭। ତୁମ ଗ୍ରାମର ଏକ ପାଠାଗାର ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ନିମିତ୍ତ ବିଭାଗୀୟ ମନ୍ତ୍ରୀଙ୍କୁ ଦରଖାସ୍ତ ଲେଖ।

୧୮। ତୁମ ଗ୍ରାମରେ ଏକ ସୁଲଭ ମୂଲ୍ୟର ଦୋକାନ ଖୋଲିବା ପାଇଁ ଯୋଗାଣ ବିଭାଗର କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ।

୧୯। ନୂଆ ସାଇକେଲଟିଏ କିଣିବା ପାଇଁ ବଡ଼ଭାଇଙ୍କ ନିକଟକୁ ଏକ ଅନୁରୋଧପୂର୍ଣ୍ଣ ପତ୍ର ଲେଖ।

୨୦। ରାସ୍ତାର ନିୟମ ମାନି ଯାତାୟାତ କରିବା ସମ୍ପର୍କରେ ଘରେ ଥିବା ସାନଭାଇ ନିକଟକୁ ପତ୍ର ଲେଖ।

# ପତ୍ରଲିଖନ

୨୧। ତୁମର ଜନ୍ମଦିନ ଉତ୍ସବରେ ଯୋଗଦେବା ପାଇଁ ଅନ୍ତରଙ୍ଗ ସାଥୀ ନିକଟକୁ ଚିଠି ଲେଖ।

୨୨। ବିଦ୍ୟାଳୟ ବାର୍ଷିକ ଉତ୍ସବର ବିବରଣୀ ପ୍ରସ୍ତୁତ କରି ପ୍ରକାଶ କରିବା ନିମନ୍ତେ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର।

୨୩। ଗତ ଗ୍ରୀଷ୍ମଛୁଟି କିପରି କଟାଇଲ ତାହା ବର୍ଣ୍ଣନା କରି ଜଣେ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

୨୪। ଗୋଟିଏ ଦୁର୍ଘଟଣା ବର୍ଣ୍ଣନା କରି ବଡ଼ଭାଇଙ୍କ ପାଖକୁ ପତ୍ର।

୨୫। ତୁମ ୱାର୍ଡର ସଫେଇ ଅବହେଳା ସମ୍ପର୍କରେ ତୁମେ ତୁମ ବିଜ୍ଞାପିତ ଅଞ୍ଚଳ ପରିଷଦ ମୁଖ୍ୟଙ୍କ ନିକଟକୁ ପ୍ରତିବାଦ ପତ୍ର ଲେଖ।

୨୬। ଗ୍ରାମ ପୁଷ୍କରିଣୀର ପଙ୍କୋଦ୍ଧାର ନିମିତ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ନିକଟକୁ ଆବେଦନ ପତ୍ର ଲେଖ।

୨୭। ତୁମେ କିପରି ଜଣକୁ ସାକ୍ଷର କରାଇଲ ସେ ସମ୍ପର୍କରେ ତୁମ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

୨୮। କୌଣସି ମହାପୁରୁଷ ଜୀବନର ଆଦର୍ଶ ସମ୍ପର୍କରେ ବର୍ଣ୍ଣନା କରି ତୁମେ ସାନଭଉଣୀ ନିକଟକୁ ପତ୍ର ଲେଖ।

୨୯। ପରୀକ୍ଷା ହଲ୍‌ର ଅନୁଭୂତି ବର୍ଣ୍ଣନା କରି ଦୂରବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ।

୩୦। ପରୀକ୍ଷା ପରେ ତୁମ ଘରକୁ ବୁଲିଆସିବା ପାଇଁ ଦୂର ସ୍ଥାନରେ ରହୁଥିବା ବନ୍ଧୁଙ୍କ ନିକଟକୁ ଏକ ଅନୁରୋଧ ପତ୍ର ଲେଖ।

# ଅର୍ଥ ପ୍ରକାଶ କର

୧। ତିନି ତୁଣ୍ଡରେ ଛେଳି କୁକୁର – ସତ୍ୟକୁ ମିଥ୍ୟା ମିଥ୍ୟାକୁ ସତ୍ୟ।

୨। ତିନି ପାଞ୍ଚିରୁ ଯିବା – ସମସ୍ତ ହରାଇବା।

୩। ତିଳକୁ ତାଳ କରିବା – ଛୋଟକୁ ବଡ଼ କରିବା।

୪। ତୁଳସୀ ଦୁଇ ପତ୍ରରୁ ବାସେ – ଛୋଟ ଅବସ୍ଥାରୁ ପ୍ରତିଭା ଜଣାପଡ଼ିବା।

୫। ତେଲିଆ ମୁଣ୍ଡରେ ତେଲ – ଉନ୍ନତିରୁ ଉନ୍ନତି।

୬। ଦୀପତଳ ଅନ୍ଧାର – ଯେଉଁଠାରେ ବିକାଶ ହେଉଛି ତା'ର ଆଖପାଖରେ ଅବନତି।

୭। ବାଘ ଘରେ ମିରିଗ ନାଟ – ଗୋଳମାଳ କରିବା।

୮। ବସି ଖାଇଲେ ନଈବାଲି ସରେ – ଅଳସୁଆ।

୯। ପାନରୁ ଚୂନ ଖସିଯିବା – ସାଧାରଣ କାରଣ ପାଇଁ ବିରକ୍ତି।

୧୦। ମୁଣ୍ଡ ଝାଳ ତୁଣ୍ଡରେ ମାରିବା – କଷ୍ଟରେ ଚଳିବା।

# ଅର୍ଥ ପ୍ରକାଶ କର

୧୧। ଯେସାକୁ ତେସା – ବ୍ୟବହାର ଦେଖି ପ୍ରଦର୍ଶନ।

୧୨। ଚିତା କାଟିବା – ଠକିବା।

୧୩। ଚୋରମନ ଚୋର ଗଣ୍ଡିଲିରେ – ମନ୍ଦ ଚିନ୍ତାରେ ଲିପ୍ତ।

୧୪। କ୍ଷୁଣ୍ଣ ମାଛି ପରୀକ୍ଷା – ତନ୍ନ ତନ୍ନ କରି ଦେଖିବା।

୧୫। ଛେନାରୁ ଚୋପା ଛଡ଼ାଇବା – ବୃଥା ଦୋଷ ଖୋଜିବା।

୧୬। ଛୋଟ ମୁହଁରେ ବଡ଼ କଥା – ଅଶୋଭନୀୟ କଥା।

୧୭। ଜୋକ ପରି ଲାଗିବା – ପଛେ ପଛେ ଲାଗିବା।

୧୮। ଝିଙ୍କିକା ମାରି ବଣି ପୋଷିବା – ଦୁର୍ବଳକୁ ମାରି ସବଳକୁ ପୋଷିବା।

୧୯। ଡେଙ୍ଗା ମୁଣ୍ଡରେ ଠେଙ୍ଗା – ଦାୟିତ୍ୱବାନ୍ ବ୍ୟକ୍ତି।

୨୦। ତିନି ତୁଣ୍ଡରେ ଛେଳି କୁକୁର – ସତ୍ୟକୁ ମିଥ୍ୟା ମିଥ୍ୟାକୁ ସତ୍ୟ।

# ଅର୍ଥ ପ୍ରକାଶ କର

୨୧ । ତିନି ପାଞ୍ଚିରୁ ଯିବା – ସମସ୍ତ ହରାଇବା ।

୨୨ । ତିଳକୁ ତାଳ କରିବା – ଛୋଟକୁ ବଡ଼ କରିବା ।

୨୩ । ତୁଳସୀ ଦୁଇ ପତ୍ରରୁ ବାସେ – ଛୋଟ ଅବସ୍ଥାରୁ ପ୍ରତିଭା ଜଣାପଡ଼ିବା ।

୨୪ । ତେଲିଆ ମୁଣ୍ଡରେ ତେଲ – ଉନ୍ନତିରୁ ଉନ୍ନତି ।

୨୫ । ଦାଉ ସାଧିବା – ପ୍ରତିଶୋଧ ନେବା ।

୨୬ । ଦାନା ମାରିବା – ଜୀବିକା ବନ୍ଦ କରିବା ।

୨୭ । ଦୀପତଳ ଅନ୍ଧାର – ଯେଉଁଠାରେ ବିକାଶ ହେଉଛି ତା'ର ଆଖପାଖରେ ଅବନତି ।

୨୮ । ନଈ ନ ଦେଖି ଲଙ୍ଗଳା – ବହୁ ପୂର୍ବରୁ ସାବଧାନତା ।

୨୯ । ନାଁ ପକାଇବା – ଦୁର୍ନାମ କରିବା ।

୩୦ । ବାଘ ଘରେ ମିରିଗ ନାଟ – ଗୋଳମାଳ କରିବା ।

୩୧ । ବହୁ ଲୋକରେ ମୂଷା ମରେ ନାହିଁ – ଅଯଥା ପରିଶ୍ରମ ।

୩୨ । ବସି ଖାଇଲେ ନଈବାଲି ସରେ – ଅଳସୁଆ ।

୩୩ । କଂସାରିଘରର ପାରା – ଅଭ୍ୟାସବଶତଃ ଭୟଶୂନ୍ୟ ହେବା ।

୩୪ । ପାନରୁ ଚୂନ ଖସିଯିବା – ସାଧାରଣ କାରଣ ପାଇଁ ବିରକ୍ତି ।

୩୫ । ମୁଣ୍ଡ ଝାଳ ତୁଣ୍ଡରେ ମାରିବା – କଷ୍ଟରେ ଚଳିବା ।

୩୬ । ଯେସାକୁ ତେସା – ବ୍ୟବହାର ଦେଖି ବ୍ୟବହାର ପ୍ରଦର୍ଶନ ।

SHOT ON MI 10T | SR

# ବିପରୀତାର୍ଥବୋଧକ ଶବ୍ଦ

୧. ଅଗ୍ର - ପଶ୍ଚାତ୍

୨. ଅଚଳ - ସଚଳ

୩. ଅନ୍ଧ - ଚକ୍ଷୁଷ୍ମାନ

୪. ଅନାବଶ୍ୟକ - ଆବଶ୍ୟକ

୫. ଅନୁରାଗ - ବିରାଗ

୬. ଅପାୟ - ଉପାୟ

୭. ଧନୀ - ନିର୍ଦ୍ଧନ

୮. ଅନ୍ଧାର - ଆଲୁଅ

୯. ଅନାସ୍ଥା - ଆସ୍ଥା

୧୦. ଅନୁରକ୍ତ - ବିରକ୍ତ

# ବିପରୀତାର୍ଥବୋଧକ ଶବ୍ଦ

୧୧. ଅପମାନ - ମାନ

୧୨. ଅଳ୍ପ - ବହୁତ

୧୩. ତଳ - ଉପର

୧୪. ଅବସ୍ଥା - ଅବ୍ୟବସ୍ଥା

୧୫. ଅଭିଶାପ - ଆଶୀର୍ବାଦ

୧୬. ଅଗ୍ରଜ - ଅନୁଜ

୧୭. ଅର୍ଥ - ଅନର୍ଥ

୧୮. ଅନନ୍ତ - ସାନ୍ତ

୧୯. ଅନୁକୂଳ - ପ୍ରତିକୂଳ

୨୦. ଅନ୍ୟମନା - ଅନନ୍ୟମନା

SHOT ON MI 10I | SR

# ବିପରୀତାର୍ଥବୋଧକ ଶବ୍ଦ

୨୧. ଟଟକା - ବାସୀ

୨୨. ଅତୁଳନୀୟ - ତୁଳନୀୟ

୨୩. ଅଧିକ - ଅନଧିକ

୨୪. ଅନୁଗାମୀ - ବ୍ୟଗ୍ରଗାମୀ

୨୫. ଅନୁଗ୍ରହ - ନିଗ୍ରହ

୨୬. ଅପେକ୍ଷା - ଉପେକ୍ଷା

୨୭. ଅନୁଗ୍ରହ - ନିଗ୍ରହ

୨୮. ଅପେକ୍ଷା - ଉପେକ୍ଷା

୨୯. ଜ୍ଞାନୀ - ଅଜ୍ଞାନ

୩୦. ଅପ୍ରାକୃତିକ - ପ୍ରାକୃତିକ

୩୧. ଅବିଚଳିତ - ବିଚଳିତ

୩୨. ଅଭ୍ୟାସ - ଅନାଭ୍ୟାସ

# ପ୍ରତିଶବ୍ଦ

୧. ଦେବତା - ସୁର, ଅମର

୨. ପୃଥିବୀ - ଧରା, ଧରଣୀ

୩. ହାତୀ - ହସ୍ତୀ, ଗଜ

୪. ମର୍କଟ - କପି, ବାନ୍ଦର

୫. ବୈରଖ - ପତାକା, ବାନା

୬. ନାଆ - ଡଙ୍ଗା, ନୌକା

୭. ଛାଲ - ଚମଡ଼ା, ଚର୍ମ

୮. ଗଛ - ବୃକ୍ଷ, ତରୁ

୯. ଗାଲ - ଗଣ୍ଡ, ଚିବୁକ

୧୦. ଧନ - ସମ୍ପତ୍ତି, ବିତ୍ତ

# ପ୍ରତିଶବ୍ଦ

୧୧. ବର – ଆଶୀର୍ବାଦ, ଆଶିଷ

୧୨. ନବ – ନୂଆ, ନୂତନ

୧୩. ପୁରୁଷ – ନର, ମାନବ

୧୪. ସକାଳ – ପ୍ରଭାତ, ଉଷା

୧୫. ଗୋଡ଼ – ପଦ, ପାଦ

୧୬. ଚେଲା – ଶିଷ୍ୟ, ଅନୁଗତ

୧୭. ଘୋଡ଼ା – ଅଶ୍ୱ, ଘୋଟକ

୧୮. ତୋଫାନ – ବତାସ, ଝଡ଼

୧୯. ପାଣି – ଜଳ, ନୀର

୨୦. ନଈ – ନଦୀ, ସରିତ

# ପ୍ରତିଶବ୍ଦ

୨୧. ଓଠ - ଅଧର, ଓଷ୍ଠ

୨୨. ଦେହ - ଶରୀର, କଳେବର

୨୩. ନିବୁଚା - ଖାଣ୍ଟି, ଶୁଦ୍ଧ

୨୪. ହାତ - ହସ୍ତ, କର

୨୫. ଆୟ - ରୋଜଗାର, ଆମଦାନୀ

୨୬. ଅତିଥି - ଆଗନ୍ତୁକ, ଅଭ୍ୟାଗତ

୨୭. ଅଗ୍ନି - ବହ୍ନି, ପାବକ

୨୮. ଆକାଶ - ଅମ୍ବର, ଅନନ୍ତ

୨୯. ଅମୃତ - ସୁଧା, ଅମିୟ

୩୦. ଜଳ - ନୀର, ପୟ

୩୧. ସୂର୍ଯ୍ୟ - ରବି, ଦିବାକର

୩୨. ପୃଥିବୀ - ଅବନୀ, ମେଦିନୀ

୩୩. ସମୁଦ୍ର - ବାରିଧି, ବାରାନିଧି

୩୪. ପଦ୍ମ - ପଙ୍କଜ, ବାରିଜ

୩୫. ପର୍ବତ - ଶିଖରୀ, ମହୀଧର

# ଗୋଟିଏ ଶବ୍ଦକୁ ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ

୧. ପାଟ - କ୍ଷୁଦ୍ରଜଳାଶୟ, ପାଟଶାଢ଼ୀ

୨. ସର - ପୋଖରୀ, କ୍ଷୀରର ସର

୩. ହାଟ - ପ୍ରଚାର, ହାଟବଜାର

୪. ଅମଳ - ସମୟ, ଅଭ୍ୟାସ

୫. ଅସୁଲ - ନିୟମ, ଆଦାୟ

୬. ଅଙ୍କ - ଗଣିତ, କୋଳ

# ଗୋଟିଏ ଶବ୍ଦକୁ ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ

୭. ଅଞ୍ଚଳ - ଶାଢ଼ିର କାନି, ପଣତ

୮. ଅର୍ଥ - ମାନେ, ମୁଦ୍ରା

୯. ଆଶା - ଦିଗ, ଇଚ୍ଛା

୧୦. ଓଳି - ଚାଳ, ଦିବସର ଗୋଟିଏ ଭାଗ

୧୧. କର - ହାତ, ଖଜଣା

୧୨. କଳ - ଯନ୍ତ୍ର, ପାଣିର ପ୍ରବାହ ଶବ୍ଦ

୧୩. କଳି - ଝଗଡ଼ା, କଡ଼ି

୧୪. ଗୁଣ - ଗୁଣିବା, ଲକ୍ଷଣ

୧୫. ଗୁରୁ - ଶିକ୍ଷକ, ବାରବିଶେଷ

୧୬. ଘନ - ନିବିଡ଼, ମେଘ

# ଗୋଟିଏ ଶବ୍ଦକୁ ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ

୧୭. ଘଡ଼ି – ସମୟର ମାପ, କଳଘଡ଼ି

୧୮. ଦଳ – ପଲ, ପୋଖରୀର ଏକପ୍ରକାର ଜଳଦ୍ରୁମ

୧୯. ପଦ – ପାଦ, ଗୀତର ପଦ

୨୦. ପକ୍ଷ – ଡେଣା, ଗୋଟିଏ ନିର୍ଦ୍ଦିଷ୍ଟ ପଟ

୨୧. ପାଟ – ଖାଲୁଆଜମି, ପାଟଲୁଗା

୨୨. ବର – ବୃକ୍ଷବିଶେଷ, ଆଶୀର୍ବାଦ

୨୩. ବାମ – ବାଁହାତ, ବିମୁଖ

୨୪. ବର୍ଣ୍ଣ – ରଙ୍ଗ, ଜାତି

୨୫. ଭୂତ – ଅତୀତ, ପ୍ରେତ

୨୬. ରାଗ – କ୍ରୋଧ, ଆସକ୍ତି

# ଅର୍ଥଗତ ପାର୍ଥକ୍ୟ ଦର୍ଶାଅ

୧. ବାବା - ସାଧୁ
ବାବା - ପିତା

୨. କୂଳ - ତୀର
କୁଳ - ବଂଶ

୩. କଳି - ଝଗଡ଼ା
କଳି - କଢ଼

୪. ତାଟକା - ଆଶ୍ଚର୍ଯ୍ୟ
ଟଟକା - ସଜ

୫. ପାଟ - କ୍ଷୁଦ୍ର ଜଳାଶୟ
ପାଟ - ପାଟଲୁଗା

୬. ପାଣି - ହାତ
ପାଣି - ଜଳ

୮. କାଳ - ସମୟ
କାଳ - ମୃତ୍ୟୁ

୯. ସ୍ୱର୍ଗ - ଦେବଲୋକ
ସର୍ଗ - ଅଧ୍ୟାୟ

୧୦. ଗଦି - ତୁଳାରେ ତିଆରି ଶେଯ
ଗାଦି - ସିଂହାସନ

# ଅର୍ଥଗତ ପାର୍ଥକ୍ୟ ଦର୍ଶାଅ

୧୧. ଧନ - ସମ୍ପତ୍ତି
ଧନ - ସନ୍ତାନ

୧୨. ପ୍ରଦାନ - ଦେବା
ପ୍ରଧାନ - ଶ୍ରେଷ୍ଠ

୧୩. ଧାର - ନଦୀର ଗତି
ଧାର - ଧାରୁଆ

୧୪. ପ୍ରସାଦ - ଭୋଗ
ପ୍ରାସାଦ - ଅଟ୍ଟାଳିକା

୧୫. ନାଳ - କେନାଲ
ନାଳ - ଲାଳ

୧୬. ବସନ - ବସ୍ତ୍ର
ବ୍ୟସନ - ବିଳାସ

୧୭. ନିକିମା - ଅକର୍ମଣ୍ୟ
ନିକିମା - ନିଷ୍କର୍ମା

୧୮. ନିର୍ଝର - ଦେବତା
ନିର୍ଝର - ଝରଣା

୧୯. ବାସ - ବସ୍ତ୍ର
ବାସ - ଗନ୍ଧ

୨୦. ନୀତି - ନିୟମ
ନିତି - ପ୍ରତ୍ୟହ

# ଅର୍ଥଗତ ପାର୍ଥକ୍ୟ ଦର୍ଶାଅ

| | | |
|---|---|---|
| ୨୧. ଦ୍ରବ | - | ତରଳ |
| ଦ୍ରବ୍ୟ | - | ପଦାର୍ଥ |
| ୨୨. ଭିତ୍ତି | - | ମୂଳଦୁଆ |
| ଭୀତି | - | ଭୟ |
| ୨୩. ଦ୍ୱିଜ | - | ବ୍ରାହ୍ମଣ |
| ଦ୍ୱିଜ | - | ପକ୍ଷୀ |
| ୨୪. ଭୋଗ | - | ସାପର ଫଣା |
| ଭୋଗ | - | ଠାକୁରଙ୍କ ପ୍ରସାଦ |
| ୨୫. ମିଳନ | - | ମିଶ୍ରଣ |
| ମୀଳନ | - | ବୁଜିବା |
| ୨୬. ପତନ | - | ପଡ଼ିବା |
| ପତ୍ତନ | - | ଉଚ୍ଚତା |
| ୨୭. ଯୋଗ | - | ଲଗ୍ନ |
| ଯୋଗ | - | ମିଶାଣ |
| ୨୮. ପରିଚ୍ଛଦ | - | ପୋଷାକ |
| ପରିଚ୍ଛେଦ | - | ଅଧ୍ୟାୟ |
| ୨୯. ରଙ୍ଗ | - | ରଙ୍ଗ କରିବା |
| ରଙ୍ଗ | - | ଢଙ୍ଗ |
| ୩୦. ପୁଷ୍କର | - | ପଦ୍ମ |
| ପୁଷ୍କଳ | - | ବହୁଳ |

# ଭ୍ରମ ସଂଶୋଧନ କର

୧. କୌତୁହଳ - କୌତୂହଳ

୨. ପଦସ୍ତ - ପଦସ୍ଥ

୩. ଆସ୍ୱସ୍ଥି - ଆଶ୍ୱସ୍ତି

୪. ପାଚେରୀ - ପାଚେରି

୫. ନୀର୍ଜିବ - ନିର୍ଜ୍ଜୀବ

୬. ଶ୍ନିଗ୍ଧ - ସ୍ନିଗ୍ଧ

୭. ଅଭ୍ୟକ୍ତ - ଅବ୍ୟକ୍ତ

୮. ଜଗନାଥ - ଜଗନ୍ନାଥ

୯. ସାର୍ମଥ୍ୟ - ସାମର୍ଥ୍ୟ

୧୦. ମାଷ୍ଟର - ମାଷ୍ଟ୍ର

# ଭ୍ରମ ସଂଶୋଧନ କର

୧୧. ସୁଭଦ୍ରା - ଶୁଭଦା

୧୨. ବିବରତ - ବିବୃତ

୧୩. କ୍ରୁପା - କୃପା

୧୪. ଅର୍କମନ୍ୟ - ଅକର୍ମଣ୍ୟ

୧୫. ସାହାର୍ଯ - ସାହାଯ୍ୟ

୧୬. ରୋସ - ରୋଷ

୧୭. ର୍ପଯ୍ୟନ୍ତ - ପର୍ଯ୍ୟନ୍ତ

୧୮. ଆସ୍ଥାନ - ଆସ୍ଥାନ

୧୯. ପରଷ୍ପର - ପରସ୍ପର

୨୦. ସାହାସ - ସାହସ

# ଭ୍ରମ ସଂଶୋଧନ କର

୨୧. ଦୂରାବସ୍ଥା – ଦୁରବସ୍ଥା

୨୨. ଦୂର୍ଗ – ଦୁର୍ଗ

୨୩. ନାରୀନେତ୍ରୀ – ନେତ୍ରୀ

୨୪. ନିତ୍ୟାନ୍ତ – ନିତାନ୍ତ

୨୫. ନିରୂପମା – ନିରୁପମା

୨୬. ପୂଜ୍ୟାସ୍ପଦ – ପୂଜାସ୍ପଦ

୨୭. ପ୍ରତିଯୋଗୀତା – ପ୍ରତିଯୋଗିତା

୨୮. ବଙ୍ଗୋପୋସାଗର – ବଙ୍ଗୋପସାଗର

୨୯. ବାହ୍ନାନ – ବାହନ

୩୦. ବିସମ – ବିଷମ

# ଏକ ପଦରେ ପ୍ରକାଶ କର

୧. ଅର୍ଥକୁ ଅତିକ୍ରମ ନ କରି – ଯଥାର୍ଥ

୨. ଅତିଶୟ ଭାବେ ଦୀପ୍ତ ହେଉଥିବା – ଦେଦୀପ୍ୟମାନ

୩. ଅତିଶୟ ଘଞ୍ଚ – ନିଘଞ୍ଚ

୪. ଅଧ୍ୟୟନ କାର୍ଯ୍ୟ ଯେ ସମ୍ପାଦନ କରନ୍ତି – ଅଧ୍ୟାପକ

୫. ଅନେକଙ୍କ ମଧ୍ୟରେ କ୍ଷୁଦ୍ର – କ୍ଷୁଦ୍ରତମ

୬. ଅନୁସନ୍ଧାନ କରିବାର ଇଚ୍ଛା – ଅନୁସନ୍ଧିତ୍ସା

୭. ଅନ୍ୟ ଉପାୟ ନାହିଁ ଯାହାର – ଅନନ୍ୟୋପାୟ

୮. ଅନ୍ୟଦେଶ – ଦେଶାନ୍ତର

୯. ଅନ୍ୟଗ୍ରାମ – ଗ୍ରାମାନ୍ତର

୧୦. ଅନ୍ୟଧର୍ମ – ଧର୍ମାନ୍ତର

୧୧. ଆଗର ଜନ୍ମିଛି ଯେ – ଅଗ୍ରଜ

୧୨. ଆଳସ୍ୟ ସ୍ୱଭାବ ଯାହାର – ଅଳସୁଆ

୧୩. ଆନନ୍ଦ ସହିତ ବର୍ତ୍ତମାନ – ସାନନ୍ଦ

୧୪. ଇତିହାସ ଜାଣନ୍ତି ଯେ – ଐତିହାସିକ

୧୫. ଉତ୍କଳରେ ଜାତ – ଉତ୍କଳୀୟ

୧୬. ଉତ୍ତମ ପ୍ରତିଷ୍ଠା ଲାଭ କରିଅଛନ୍ତି ଯେ – ଲବ୍ଧପ୍ରତିଷ୍ଠ

୧୭. ଉଦାର ମନ ଯାର – ଉଦାରମନା

୧୮. ଉପକାର ସ୍ୱୀକାର କରେ ଯେ – କୃତଜ୍ଞ, ଉପକୃତ

୧୯. ଉଚିତକୁ ଅତିକ୍ରମ ନକରି – ଯଥୋଚିତ

୨୦. କଥାର ସଦୃଶ – ଉପକଥା

# ଏକ ପଦରେ ପ୍ରକାଶ କର

୨୧. କରୁଣାର ଭାବ – କାରୁଣ୍ୟ

୨୨. କୂଳର ସମୀପ – ଉପକୂଳ

୨୩. କୁତ୍ସିତ ଆକାର ଯାହାର – କଦାକାର

୨୪. କୁ ଆଚାର – କଦାଚାର

୨୫. କୁ ପୁରୁଷ – କାପୁରୁଷ

୨୬. କ୍ରମ ଅନୁସାରେ – ଯଥାକ୍ରମେ

୨୭. କ୍ରୋଧରେ ଅନ୍ଧ – କ୍ରୋଧାନ୍ଧ

୨୮. ଗ୍ରହଣ କରେ ଯେ – ଗ୍ରହୀତା

୨୯. ଗିରିରେ ଜାତ – ଗିରିଜା

୩୦. ଗୁଣ ଅଛି ଯାହାର – ଗୁଣୀ

୩୧. ଘରକୁ ଘର – ପ୍ରତିଘର

୩୨. ଚାରୋଟି ପାଦ ଯାହାର – ଚତୁଷ୍ପଦ

୩୩. ଚକ୍ଷୁରେ ଶୁଣେ – ଚକ୍ଷୁଶ୍ରବା

୩୪. ଜୟ କରିବାର ଇଚ୍ଛା – ଜିଗୀଷା

୩୫. ଜାଣିବାର ଇଚ୍ଛା – ଜିଜ୍ଞାସା

୩୬. ଜାତ ହୋଇନାହିଁ ଶତ୍ରୁ ଯାହାର – ଅଜାତଶତ୍ରୁ

୩୭. ଜୀବନକୁ ବ୍ୟାପୀ – ଯାବଦ୍‌ଜୀବନ

୩୮. ତ୍ୱରା ଗମନ କରେ ଯେ – ତୁରଙ୍ଗ

୩୯. ତରୁଣର ଭାବ – ତାରୁଣ୍ୟ

୪୦. ଦୀର୍ଘ ଆୟୁ ଯାହାର – ଦୀର୍ଘାୟୁ

# ଏକ ପଦରେ ପ୍ରକାଶ କର

୪୧. ନାହିଁ ସହାୟ ଯାହାର – ନିଃସହାୟ
୪୨. ନାହିଁ କଳଙ୍କ ଯହିଁରେ – ନିଷ୍କଳଙ୍କ
୪୩. ନିମ୍ନକୁ ଗମନ କରେ ଯେ – ନିମ୍ନଗା
୪୪. ନାହିଁ ଉପମା ଯାହାର – ଅନୁପମା
୪୫. ନାହିଁ ସୀମା ଯାହାର – ଅସୀମ
୪୬. ନାହିଁ କ୍ଷୟ ଯାହାର – ଅକ୍ଷୟ
୪୭. ନାହିଁ ଚାରା ଯାହାର – ନାଚାର
୪୮. ନାହିଁ ହୋସ ଯାହାର – ବେହୋସ
୪୯. ନାହିଁ ଲଜ୍ୟା ଯାହାର – ନିର୍ଲଜ
୫୦. ନାହିଁ ଜୀବନ ଯାହାର – ନିର୍ଜୀବ
୫୧. ନାହିଁ ମୂଲ୍ୟ ଯାହାର – ଅମୂଲ୍ୟ
୫୨. ନାହିଁ ଅର୍ଥ ଯହିଁରେ – ନିରର୍ଥକ
୫୩. ନାହିଁ ଅନ୍ତ ଯାହାର – ଅନନ୍ତ
୫୪. ନ ଉନ୍ନତି – ଅନୁନ୍ନତି
୫୫. ନ ଉର୍ବର – ଅନୁର୍ବର
୫୬. ପଛେ ପଛେ ଯିବା – ଅନୁଗମନ
୫୭. ପାଦରେ ପାନ କରେ ଯେ – ପାଦପ
୫୮. ପାନ କରିବାର ଇଚ୍ଛା – ପିପାସା
୫୯. ପଡ଼ି ଉଠି ଗମନ କରେ ଯେ – ପତଙ୍ଗ
୬୦. ପୃଥିବୀ ସମ୍ବନ୍ଧୀୟ – ପାର୍ଥିବ
୬୧. ପାଇବାକୁ ଇଚ୍ଛୁକ ଯେ – ପ୍ରାପ୍ତେସୁ
୬୨. ପର୍ବତରେ ଜାତ – ପାର୍ବତୀୟ
୬୩. ବିଦେଶରୁ ଆଗତ ଯେ – ବୈଦେଶିକ
୬୪. ବିଧିକୁ ଅତିକ୍ରମ ନକରି – ଯଥାବିଧି
୬୫. ବାକ୍ ଶକ୍ତି ଅଛି ଯାହାର – ବାଗ୍ମୀ
୬୬. ବନର ନିକଟ – ଉପବନ
୬୭. ମେଧା ଅଛି ଯାହାର – ମେଧାବୀ
୬୮. ପ୍ରମାଣ ଦ୍ୱାରା ସିଦ୍ଧ – ପ୍ରାମାଣିକ
୬୯. ଥରେ ପରେ ଦ୍ୱିତୀୟ ଥର – ଦୋହରା
୭୦. ଛଇ ଅଛି ଯାହାର – ଛଇଳା
୭୧. ମଧୁପାନ କରେ ଯେ – ମଧୁପ
୭୨. ଯାହା ପୂର୍ବରୁ ଶୁଣାଯାଇନଥିଲା – ଅଶ୍ରୁତପୂର୍ବ
୭୩. ଯେ ଅଳ୍ପ ଖର୍ଚ୍ଚ କରେ – ମିତବ୍ୟୟୀ
୭୪. ସମୟ ଶକ୍ତି ଲଗାଇ – ଯଥାଶକ୍ତି

# ବାକ୍ୟମୂଳକ ଅଶୁଦ୍ଧି

୧. ଅଶୁଦ୍ଧ – ବଡ଼ ବଡ଼ ଯୋଜନାମାନ କାମ କଲେ ।
ଶୁଦ୍ଧ – ବଡ଼ ଯୋଜନାମାନ କାମ କଲା ।

୨. ଅଶୁଦ୍ଧ – ଏବେ ପ୍ରତି ଘରେ ଘରେ ଟିଭି ରହିଲାଣି ।
ଶୁଦ୍ଧ – ଏବେ ପ୍ରତି ଘରେ ଟିଭି ରହିଲାଣି ।

୩. ଅଶୁଦ୍ଧ – ବହୁ ଘଟଣାବଳୀ ଘଟୁଛି
ଶୁଦ୍ଧ – ବହୁ ଘଟଣା ଘଟୁଛି ।

୪. ଅଶୁଦ୍ଧ – ଅନେକଗୁଡ଼ିଏ ଗଛମାନେ ମରିଗଲେ ।
ଶୁଦ୍ଧ – ଅନେକ ଗଛ ମରିଗଲେ / ଗଛଗୁଡ଼ିକ ମରିଗଲେ ।

୫. ଅବ୍ୟବସ୍ଥ ବାକ୍ୟ – ନାହିଁ ହାତରେ ପୁଅ, ଧନ ମନ ବାହାକରି ।
ସଜ୍ଜିତ ଠିକ୍ ବାକ୍ୟ – ହାତରେ ନାହିଁ ଧନ, ପୁଅ ବାହାକରି ମନ ।

୬. ଅବ୍ୟବସ୍ଥ ବାକ୍ୟ – ଥରେ ମନ ଆଉ ଯୋଡ଼ି ଭାଙ୍ଗିଲେ ହୁଏନି ।
ସଜ୍ଜିତ ଠିକ୍ ବାକ୍ୟ – ମନ ଥରେ ଭାଙ୍ଗିଲେ ଆଉ ଯୋଡ଼ି ହୁଏନି ।

୭. ଅବ୍ୟବସ୍ଥ ବାକ୍ୟ – ଚହଟେ ଫୁଲ ବାସ ଥରେ ଫୁଟିଲେ ତା'ର ।
ସଜ୍ଜିତ ଠିକ୍ ବାକ୍ୟ – ଥରେ ଫୁଲ ଫୁଟିଲେ ତା'ର ବାସ ଚହଟେ ।

# ବାକ୍ୟମୂଳକ ଅଶୁଦ୍ଧି

୯. ଅଶୁଦ୍ଧ – ବହୁଲୋକମାନେ ରୁଣ୍ଡ ହୋଇଥିଲେ ।
ଶୁଦ୍ଧ – ଲୋକମାନେ ରୁଣ୍ଡ ହୋଇଥିଲେ ।

୧୦. ଅଶୁଦ୍ଧ – ଆଜିକାଲି ପ୍ରତ୍ୟେକ ପିଲାମାନଙ୍କର ଅନ୍ୟ ବହି ପଢ଼ିବା କମିଗଲାଣି ।
ଶୁଦ୍ଧ – ଆଜିକାଲି ପିଲାମାନଙ୍କର ଅନ୍ୟ ବହି ପଢ଼ିବା କମିଗଲାଣି ।

୧୧. ଅଶୁଦ୍ଧ – ସବୁ ଛାତ୍ରମାନେ ଗୀତ ଗାଇ ପାରନ୍ତି ନାହିଁ ।
ଶୁଦ୍ଧ – ସବୁ ଛାତ୍ର ଗୀତ ଗାଇ ପାରନ୍ତି ନାହିଁ ।

୧୨. ଅଶୁଦ୍ଧ – ଗାଈମାନେ ଅଧିକାଂଶ ପଡ଼ିଆରେ ଚରୁଛନ୍ତି ।
ଶୁଦ୍ଧ – ଅଧିକାଂଶ ଗାଈ ପଡ଼ିଆରେ ଚରୁଛନ୍ତି ।

୧୩. ଅବ୍ୟବସ୍ଥ ବାକ୍ୟ – ପଡ଼ିଲେ ବେକରେ ସମସ୍ତେ ଶିଖନ୍ତି ବଜେଇ ଢୋଲ ।
ସଜ୍ଜିତ ଠିକ୍ ବାକ୍ୟ – ଢୋଲ ବେକରେ ପଡ଼ିଲେ ସମସ୍ତେ ବଜେଇ ଶିଖନ୍ତି ।

୧୪. ଅବ୍ୟବସ୍ଥ ବାକ୍ୟ – ହାଣ୍ଡି ଚିନ୍ତା ଖାଏ ଗଣ୍ଡି, ଖାଏ ଲୁଣ ।
ସଜ୍ଜିତ ଠିକ୍ ବାକ୍ୟ – ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି

୧୫. ଅବ୍ୟବସ୍ଥ ବାକ୍ୟ – ଯାହାର ଖାଇବା ଗାଇବ ତାହାର ଲୁଣ, ଗୁଣ ।
ସଜ୍ଜିତ ଠିକ୍ ବାକ୍ୟ – ଯାହାର ଲୁଣ ଖାଇବ, ତାହାର ଗୁଣ ଗାଇବ ।

୧୬. ଅବ୍ୟବସ୍ଥ ବାକ୍ୟ – ଘିଅ ହବନା ଷାଠିଏ ମହଣ, ନାଚିବ ରାଧା ।
ସଜ୍ଜିତ ଠିକ୍ ବାକ୍ୟ – ଷାଠିଏ ମହଣ ଘିଅ ହବନା, ରାଧା ନାଚିବ ।

# ବାକ୍ୟମୂଳକ ଅଶୁଦ୍ଧି

୧୭. ଅଶୁଦ୍ଧ – ଆକଣ୍ଠ ପର୍ଯ୍ୟନ୍ତ ସବୁ ପିଲାଏ ଖାଇଲେ ମନଖୁସିରେ।
ଶୁଦ୍ଧ – ସବୁପିଲା ମନ ଖୁସିରେ ଆକଣ୍ଠ ଖାଇଲେ।
୧୮. ଅଶୁଦ୍ଧ – ବହୁ ଗ୍ରାମମାନଙ୍କର ଦୂରାବସ୍ଥା ସୁଧରି ଯାଉଛି କ୍ରମଶଃ କ୍ରମଶଃ।
ଶୁଦ୍ଧ – ବହୁଗ୍ରାମର ଦୂରବସ୍ଥା କ୍ରମଶଃ ସୁଧୁରି ଯାଉଛି।
୧୯. ଅଶୁଦ୍ଧ – ଆବାଳବୃଦ୍ଧବନିତାଗଣ ସଭାରେ ଉପସ୍ଥିତ ଥିଲେ।
ଶୁଦ୍ଧ – ଆବାଳବୃଦ୍ଧବନିତା ସଭାରେ ଉପସ୍ଥିତ ଥିଲେ।
୨୦. ଅଶୁଦ୍ଧ – ମୋର ବହୁତ ଦିନଗୁଡ଼ିକ ସେଠାରେ ଭଲରେ କଟିଗଲା।
ଶୁଦ୍ଧ – ମୋର ବହୁଦିନ ସେଠାରେ ଭଲରେ କଟିଗଲା।
୨୧. ଅଶୁଦ୍ଧ – ନିର୍ଦ୍ଦୋଷୀ ବ୍ୟକ୍ତି ସଦା କାଳେ କାଳେ କ୍ଷମଣୀୟ।
ଶୁଦ୍ଧ – ନିର୍ଦ୍ଦୋଷ ବ୍ୟକ୍ତି ସଦାକାଳେ କ୍ଷମଣୀୟ।
୨୨. ଅବ୍ୟବସ୍ଥ ବାକ୍ୟ – କବି ସବୁ ସିଦ୍ଧହସ୍ତ ନୁହଁନ୍ତି ବର୍ଣ୍ଣନାରେ ପ୍ରକୃତି ।
ସଜ୍ଜିତ ଠିକ୍ ବାକ୍ୟ – ସବୁ କବି ପ୍ରକୃତି ବର୍ଣ୍ଣନାରେ ସିଦ୍ଧହସ୍ତ ନୁହଁନ୍ତି।
୨୩. ଅବ୍ୟବସ୍ଥ ବାକ୍ୟ – ଜନସେବକ ନୁହଁନ୍ତି ନେତା ଆଜିକାଲି ସବୁ।
ସଜ୍ଜିତ ଠିକ୍ ବାକ୍ୟ – ଆଜିକାଲି ସବୁନେତା ଜନସେବକ ନୁହଁନ୍ତି।
୨୪. ଅବ୍ୟବସ୍ଥ ବାକ୍ୟ – ଓ ପୁରୀ ଭୁବନେଶ୍ୱର, କୋଣାର୍କ ମିଶି ତ୍ରିଭୁଜ ତିଆରି ହୋଇଛି।
ସଜ୍ଜିତ ଠିକ୍ ବାକ୍ୟ – ଭୁବନେଶ୍ୱର, କୋଣାର୍କ ଓ ପୁରୀ ମିଶି ସ୍ୱର୍ଣ୍ଣ ତ୍ରିଭୁଜ ତିଆରି ହୋଇଛି।
୨୫. ଅବ୍ୟବସ୍ଥ ବାକ୍ୟ – ଖରା ହୁଏ ଟାଣ ମାସରେ ଜ୍ୟେଷ୍ଠ।
ସଜ୍ଜିତ ଠିକ୍ ବାକ୍ୟ – ଜ୍ୟେଷ୍ଠ ମାସରେ ଟାଣ ଖରା ହୁଏ।
୨୬. ଅବ୍ୟବସ୍ଥ ବାକ୍ୟ – ଆସିଥିଲେ ଯାତ୍ରା ବାହୁଡ଼ା ଲୋକ ଆସିଥିଲେ।
ସଜ୍ଜିତ ଠିକ୍ ବାକ୍ୟ – ବାହୁଡ଼ା ଯାତ୍ରା ଦେଖିବାକୁ ବହୁତ ଲୋକ ଆସିଥିଲେ।
୨୭. ଅବ୍ୟବସ୍ଥ ବାକ୍ୟ – ପାଇଁ ଶ୍ରେଷ୍ଠ ହେଲେ ପୁରସ୍କୃତ କବି ରଚନା।
ସଜ୍ଜିତ ଠିକ୍ ବାକ୍ୟ – ଶ୍ରେଷ୍ଠ ରଚନା ପାଇଁ କବି ପୁରସ୍କୃତ ହେଲେ।
୨୮. ଅବ୍ୟବସ୍ଥ ବାକ୍ୟ – ନୁହେଁ ଉଚିତ କରିବା କଳହ ବୃଥା।
ସଜ୍ଜିତ ଠିକ୍ ବାକ୍ୟ – ବୃଥା କଳହ କରିବା ଉଚିତ ନୁହେଁ।
୨୯. ଅବ୍ୟବସ୍ଥ ବାକ୍ୟ – ବାଇଗଣ ପୋଥି ଏକାକଥା ଓ ନୁହେଁ ବାଇଗଣ ବାଡ଼ି।
ସଜ୍ଜିତ ଠିକ୍ ବାକ୍ୟ – ବାଡ଼ି ବାଇଗଣ ଓ ପୋଥି ବାଇଗଣ ଏକାକଥା ନୁହେଁ।
୩୦. ଅବ୍ୟବସ୍ଥ ବାକ୍ୟ – ବିଦ୍ୟାଳୟ ଆମ ଏ ନୁହେଁ ଅଞ୍ଚଳରେ ଅଞ୍ଚଳ ପାଖାପାଖି ମଧ୍ୟ ଆଦର୍ଶ ଅନୁଷ୍ଠାନ ଏକ।
ସଜ୍ଜିତ ଠିକ୍ ବାକ୍ୟ – ଆମ ବିଦ୍ୟାଳୟ ଏ ଅଞ୍ଚଳ ନୁହେଁ ପାଖାପାଖି ଅଞ୍ଚଳରେ ମଧ୍ୟ ଏକ ଆଦର୍ଶ ଅନୁଷ୍ଠାନ।
୩୧. ଅବ୍ୟବସ୍ଥ ବାକ୍ୟ – କଟକ ଓ ପୁରୀ, ଗଞ୍ଜାମ ଦରଦାମ୍‌ରେ ଭିତରେ ରହିଛି ଭାରି ଫରକ।
ସଜ୍ଜିତ ଠିକ୍ ବାକ୍ୟ – କଟକ, ଗଞ୍ଜାମ ଓ ପୁରୀ ଭିତରେ ଦରଦାମ୍‌ର ଭାରି ଫରକ ରହିଛି।

## ବୋଧଜ୍ଞାନ ପରିମାପକ ପ୍ରଶ୍ନାବଳୀ

### ପର୍ଯ୍ୟଟନ

Read the following passage carefully and then answer in odia questions (କ) to (ଙ) that follow.

ନିମ୍ନୋକ୍ତ ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଢ଼ ଏବଂ ତା'ପରେ ନିମ୍ନରେ ଦିଆଯାଇଥିବା ଚ (କ) ରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।

ପର୍ଯ୍ୟଟନକୁ ଶିକ୍ଷାର ଗୋଟିଏ ପ୍ରଧାନ ଅଙ୍ଗ ବୋଲି କୁହାଯାଏ । ଶ୍ରେଣୀଗୃହରେ ଶିକ୍ଷକଙ୍କଠାରୁ ବା ପୁସ୍ତକ ଅଧ୍ୟୟନଦ୍ୱାରା ଯେତେ ଜ୍ଞାନ ଆହରଣ କଲେ ମଧ୍ୟ ପ୍ରକୃତ ସ୍ଥାନ ଓ ବସ୍ତୁର ଦର୍ଶନ ବିନା ଶିକ୍ଷା ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇନପାରେ । ଜଣେ ଛାତ୍ର ଦିଲ୍ଲୀ ନଗରୀ ବିଷୟରେ ଯେତେ ବିବରଣୀ ଶ୍ରବଣ ବା ପାଠକଲେ ମଧ୍ୟ ଦିଲ୍ଲୀ ଭ୍ରମଣ ବିନା ତାହାର କୌଣସି ପ୍ରତ୍ୟକ୍ଷ ଜ୍ଞାନ ସମ୍ଭବ ହେବ ନାହିଁ । ସମୁଦ୍ର ବିଷୟରେ ବିସ୍ତୃତ ଆଲୋଚନା ଶୁଣିବାଠାରୁ ଥରେ ମାତ୍ର ସମୁଦ୍ର ଦେଖିବା ଶିକ୍ଷାପ୍ରଦ । ତେଣୁ ଛାତ୍ରମାନଙ୍କୁ ଅବସର ସମୟରେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ସରକାର ତଥା ଶିକ୍ଷାବିଭାଗ ଅନେକ ସୁଯୋଗ ଓ ସାହାଯ୍ୟ ଦେଇଥାଆନ୍ତି । ଇଂଲଣ୍ଡ , ଆମେରିକା ଯୁକ୍ତରାଷ୍ଟ୍ର ଓ ରୁଷିଆ ପ୍ରଭୃତି ପ୍ରଗତିଶୀଳ ଦେଶରେ ପର୍ଯ୍ୟଟନ ଛାତ୍ରମାନଙ୍କର ନିୟମିତ ପାଠ୍ୟକ୍ରମ ସହିତ ସଂଯୋଜିତ ହୋଇଥାଏ ।

ପ୍ରାଚୀନ କାଳର ଇତିହାସ ଆଲୋଚନା କଲେ ଜଣାଯାଏ ଯେ, ଭ୍ରମଣ ମାନବର ଗୋଟିଏ ଆଦିମ ପ୍ରବୃତ୍ତି । ସ୍ଥାୟୀ ବାସିନ୍ଦାମାନଙ୍କୁ ପରାଜିତ କରି ଭ୍ରମଣକାରୀ ଯାଯାବରମାନେ ହିଁ ଶେଷରେ ଆର୍ଯ୍ୟ ବା ସଭ୍ୟ ଜାତି ନାମରେ ପରିଚିତ ହେଲେ । ସେହି ଭ୍ରମଣଶୀଳ ଜାତିମାନେ ତାଙ୍କର ସଭ୍ୟତାକୁ ଅନ୍ୟମାନଙ୍କ ଉପରେ ଲଦିଦେଲେ ଓ ଉଦାର ଭାବରେ

ଅନ୍ୟମାନଙ୍କର ରୀତିନୀତି ମଧ୍ୟ ଗ୍ରହଣ କଲେ । ସେହି ପ୍ରବୃତ୍ତି ଆଜିସୁଦ୍ଧା ମାନବ ହୃଦୟରେ ଦୃଢ଼ମୂଳ ହୋଇ ପରିବର୍ତ୍ତିତ ଅବସ୍ଥାରେ ରହିଅଛି । ପ୍ରବୃତ୍ତି ପରିମାର୍ଜିତ ହେଲେ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଯାଏ । ବାସ୍ତବରେ ଦେଶପର୍ଯ୍ୟଟନ ଆଜି ଅନେକାଂଶରେ ଉଦ୍ଦେଶ୍ୟମୂଳକ ହୋଇଅଛି । ତଥାପି ଅନେକ କେବଳ ଭ୍ରମଣ ଉଦ୍ଦେଶ୍ୟରେ ହିଁ ପର୍ଯ୍ୟଟନ କରିଥା'ନ୍ତି ।

ଦେଶ ଭ୍ରମଣର ଉଦ୍ଦେଶ୍ୟ ବ୍ୟକ୍ତିବିଶେଷର ଆଗ୍ରହ, ଜୀବିକା ଓ ସଂସ୍କୃତି ଉପରେ ନିର୍ଭର କରେ । ଛାତ୍ରମାନେ କେବଳ ଶିକ୍ଷା ଉଦ୍ଦେଶ୍ୟରେ ପର୍ଯ୍ୟଟନ କରିଥା'ନ୍ତି । ଅନ୍ୟମାନେ ବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ସ୍ୱାସ୍ଥ୍ୟ ପରିବର୍ତ୍ତନ ଅଥବା ବ୍ୟବସାୟ ବାଣିଜ୍ୟ ପ୍ରଭୃତି ଭାବର ବୃଦ୍ଧି ପାଇଁ ମଧ୍ୟ ଆଜିକାଲି ନେତୃସ୍ଥାନୀୟ ବ୍ୟକ୍ତିଗଣ ଓ ବିଭାଗୀୟ ଦଳମାନ ବିଦେଶ ଭ୍ରମଣ କରୁଅଛନ୍ତି ।

ଭ୍ରମଣ ଏପରି ଆନନ୍ଦଦାୟକ ଓ କୌତୁହଳପୂର୍ଣ୍ଣ ଯେ ଲୋକ ନିଜର ଜୀବନକୁ ଅନେକ ସମୟରେ ବିପନ୍ନ କରି ବହୁ ଅର୍ଥବ୍ୟୟରେ ମଧ୍ୟ ପର୍ଯ୍ୟଟନ ପାଇଁ ଉଦ୍‌ଗ୍ରୀବ ହୋଇଉଠେ । ପ୍ରାଚୀନ କାଳରେ ଗମନାଗମନ ପଥ ବିପଦସଙ୍କୁଳ ଥିଲା । ଯାନବାହନର ପ୍ରଚଳନ ଅନୁନ୍ନତ ଆଦିମ ଅବସ୍ଥାରେ ଥିଲା କହିଲେ ଚଳେ, ତଥାପି ଲୋକେ ବିଭିନ୍ନ ଦେଶ ପର୍ଯ୍ୟଟନ କରୁଥିଲେ ।

ପ୍ରଶ୍ନ: (କ)ପ୍ରତ୍ୟକ୍ଷ ଜ୍ଞାନ କହିଲେ ତୁମେ କଅଣ ବୁଝ ?

(ଖ) ପରୋକ୍ଷ ଜ୍ଞାନ କହିଲେ ତୁମେ କଅଣ ବୁଝ ?

(ଗ) ଭ୍ରମଣକୁ ମାନବର ଆଦିମ ପ୍ରବୃତ୍ତି ବୋଲି କାହିଁକି କୁହାଯାଏ ?

(ଘ) ଛାତ୍ରମାନେ ପର୍ଯ୍ୟଟନଦ୍ୱାରା କିପରି ଉପକୃତ ହୁଅନ୍ତି ?

(ଙ) ଲୋକେ ପର୍ଯ୍ୟଟନ ପାଇଁ କାହିଁକି ଉଦ୍‌ଗ୍ରୀବ ହୁଅନ୍ତି ?

## ଉଚ୍ଚାଭିଳାଷ

Read the following passage carefully and then answer in odia questions (i) to (v) that follow.

ନିମ୍ନୋକ୍ତ ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଢ଼ ଏବଂ ତା'ପରେ ନିମ୍ନରେ ଦିଆଯାଇଥିବା (କ) ରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।

ଉଚ୍ଚାଭିଳାଷ ଏକାବେଳକେ ମନୁଷ୍ୟର ରୂପାନ୍ତର ଘଟାଇଦିଏ । ଯେତେବେଳେ ଉଚ୍ଚାଭିଳାଷ ଆସେ, ସେତେବେଳେ ମନୁଷ୍ୟ ସୁଖସାଚ୍ଛନ୍ଦ୍ୟର କୋମଳ ଆଚରଣ ଛିନ୍ନକରି କଠୋର ଶ୍ରମ ଓ ଦାରୁଣ କଷ୍ଟକୁ ବରଣ କରିନିଏ । ଭୟ, ଉତ୍କଣ୍ଠା ତାହାର ମନରୁ ଏକ ମୁହୂର୍ତ୍ତରେ ଦୂର ହୋଇଯାଏ । ଅଦମ୍ୟ ଅଭିଳାଷ ଚରିତାର୍ଥ କରିବା ସକାଶେ ସେ ସେତେବେଳେ ଝଡ଼ଭଳି ପୃଥିବୀ ଘାଣ୍ଟି ପକାଏ ।

ମନୁଷ୍ୟ ଯାହା ପାଏ ସେତିକିରେ ସନ୍ତୋଷ । କୌଣସି ପ୍ରକାର ଦିନ କଟିଗଲେ ମଙ୍ଗଳ – ଏହାହିଁ ଏସିଆ ଲୋକଙ୍କ ସାଧାରଣ ମନୋଭାବ । ପ୍ରାଚୀନ କାଳରୁ ଯାହା ଚଳିଆସୁଅଛି, ତାହା ଘେନି ସନ୍ତୁଷ୍ଟ  ରହିଥାଅ, ଆଉ ଉନ୍ନତି ଚେଷ୍ଟାରେ ମସ୍ତିଷ୍କ ବ୍ୟୟ କର ନାହିଁ ପୂର୍ବ କାଳରୁ ଯାହା ଚଳି ଆସୁଅଛି, ତାହିଁରେ ଚାଲ – ଆମ୍ଭମାନଙ୍କର ଏତେ କଥାରେ ପ୍ରୟୋଜନ କ'ଣ ? ଶାକାନ୍ନରେ ପରିତୃପ୍ତ ହୁଅ । ଏହି ଭାବ ମନରେ ପୋଷଣକରି ଆମ୍ଭେମାନେ ଅଧଃପତନର ଚରମ ସୀମାରେ ପହଞ୍ଚି ଅଛୁ । ବଡ଼ ହେବାକୁ ଗଲେ, ମୂଳର ଶିକ୍ଷା ଟିକକ ରୀତିମତ ବ୍ୟାପକ ଏବଂ ଉଦାର ହେବା ଆବଶ୍ୟକ । କୌଣସି ଗୋଟିଏ ବିଷୟରେ ବଡ଼ ହେବି, ଏଭଳି ଉଚ୍ଚାକାଂକ୍ଷାରେ ଗୋଟିଏ ବିପଦ ଅଛି । କାରଣ ଏହାଘେନି ଚାହିଁ ଚାହିଁ କେତେବେଳେ ମନୁଷ୍ୟ ସଂକୀର୍ଣ୍ଣ ଓ ଏକଦେଶଦର୍ଶୀ ହୋଇଯାଏ । ଶୁଣାଯାଏ ବାଲ୍ୟକାଳରେ ଡ଼ାରଉଇନ କବିତା ଓ ସଙ୍ଗୀତର ବିଶେଷ ଭକ୍ତ ଥିଲେ । କିନ୍ତୁ ପରଜୀବନ କେବଳ ବିଜ୍ଞାନ

ଚର୍ଚ୍ଚାରେ ଅତିବାହିତ କରି କହୁଥିଲେ , ଯେବେ ଆଉଥରେ ବାଲ୍ୟକାଳ ଫେରିଆସନ୍ତା, ମୁଁ ପ୍ରତ୍ୟହ କବିତା ଓ ସଙ୍ଗୀତ ଚର୍ଚ୍ଚା କରନ୍ତି, ଯହିଁରେ ସବୁ ମଧୁର ଦ୍ରବ୍ୟ ଉପଭୋଗ କରିବାର ଶକ୍ତି ଲୁପ୍ତ ନହୁଏ ।

ଜଣେ ଭାରତୀୟ ମନୀଷୀ କହିଥିଲେ, "ପ୍ରତ୍ୟେକ ଜୀବନରେ କିଛି କିଛି ଫାଙ୍କ ରହିଅଛି । ସେଗୁଡ଼ିକ ଉଚ୍ଚ ଆଦର୍ଶଦ୍ୱାରା ପୂର୍ଣ୍ଣ ନ କଲେ ଚିରଦିନ ଜୀବନ ଶୂନ୍ୟ ଓ ନିରର୍ଥକ ହୋଇ ରହିଯିବ ।" ଆମ୍ଭମାନଙ୍କର ମାନସପଟରେ ନିରନ୍ତର କେତେକ ଚିତ୍ର ଅଙ୍କନ ନ କଲେ ତାହା ଅପୂର୍ଣ୍ଣାଙ୍ଗ ଓ ଅବିକଶିତ ରହିଯିବ ।

ପ୍ରଶ୍ନ – (କ) ଉଚ୍ଚାଭିଳାଷ ଆସିଲେ ମନୁଷ୍ୟ କ'ଣ ସବୁ କରିବସେ ?

(ଖ) ଏସିଆର ଲୋକଙ୍କର ସାଧାରଣ ମନୋଭାବ କ'ଣ ?

(ଗ) ବଡ଼ ହେବାକୁ ଆମକୁ କ'ଣ ସବୁ କରିବାକୁ ହେବ ?

(ଘ) ଭାରତୀୟ ମନୀଷୀ ଜଣକ ପ୍ରତ୍ୟେକଙ୍କ ଜୀବନ ବିଷୟରେ କ'ଣ କହିଥିଲେ ?

(ଙ) ମନୁଷ୍ୟ କାହିଁକି ଏକଦେଶଦର୍ଶୀ ହୋଇଯାଏ ?

## ଶ୍ୱେତକେତୁ

Read the following passage carefully and then answer in odia questions (i) to (v) that follow

ନିମ୍ନୋକ୍ତ ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଢ଼ ଏବଂ ତା'ପରେ ନିମ୍ନରେ ଦିଆଯାଇଥିବା ଚ (କ) ରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।

ପୁରାକାଳରେ ଶ୍ୱେତକେତୁ ନାମରେ ଏକ ବାଳକ ଥିଲେ । ତାଙ୍କର ପିତାଙ୍କ ନାମ ଉଦ୍ଦାଳକ ଏବଂ ସେ ଅରୁଣ ଋଷିଙ୍କ ନାତି । ବାଲ୍ୟକାଳରେ ଶ୍ୱେତକେତୁଙ୍କ ଖେଳିବା ବା ବୁଲିବାରେ ଆଗ୍ରହ ଓ ପଢ଼ାପଢ଼ିରେ ଅମନୋଯୋଗିତା ଦେଖି ପିତା ତାହାଙ୍କୁ ଡ଼ାକି କହିଲେ, "ବତ୍ସ ! ତୁମ୍ଭେ ଏପର୍ଯନ୍ତ ପଢ଼ାପଢ଼ିରେ ମନ ଦେଉନାହିଁ । ଉପନୟନ କାଳ ଉତ୍ତୀର୍ଣ୍ଣ ହେଲା, ତୁମ୍ଭର ଏ ସମୟରେ ବ୍ରହ୍ମଚର୍ଯ୍ୟା ଗ୍ରହଣ ଓ ବେଦ ଅଧ୍ୟୟନ କରିବା ଉଚିତ । କିଶୋର ବୟସରେ ହିଁ ଗୁରୁକୁଳରେ ବାସକରି ଶିକ୍ଷାଲାଭ କରିବାକୁ ହୁଏ ଏବଂ ତାହା ସଙ୍ଗରେ ପରମାତ୍ମାଙ୍କ ଆରାଧନା ଓ ଅର୍ଚ୍ଚନା କଲେ ଅନ୍ତରର ଆବିଳତା, ଦୁର୍ବଳତା ଦୂର ହୋଇଥାଏ । ବାଲ୍ୟକାଳ ହିଁ ଉପଯୁକ୍ତ ସମୟ । ବାଲ୍ୟକାଳରେ ଯେଉଁମାନେ ଶିକ୍ଷା ଦୀକ୍ଷା ବିଷୟରେ ଅବହେଳା କରନ୍ତି, ସେମାନଙ୍କର ଜୀବନ ଦୁର୍ବିସହ ହୋଇଉଠେ । ଶେଷ ଜୀବନରେ ଇହଲୋକ ପରଲୋକରେ ସେମାନେ ମଧ୍ୟ ଶାନ୍ତି ପାଆନ୍ତି ନାହିଁ ମାନବର କିଶୋର ବୟସରେ ମନ ସମ୍ପୂର୍ଣ୍ଣ ନିର୍ମଳ ଥାଏ; ବାହ୍ୟ ହୋଇଥାଏ । ଯେତେବେଳେ ଯେ ଯେଉଁଭାବ ଗ୍ରହଣ କରିଥା'ନ୍ତି ସେ ସେହି ଭାବରେ କାଳ କାଟନ୍ତି । ଅତଏବ ବତ୍ସ ! କାଳ ବିଳମ୍ବ ନ କରି ତୁମ୍ଭେ ଗୁରୁଗୃହକୁ ଗମନ କର । ଅନ୍ୟଥା ଜୀବନ ବ୍ୟର୍ଥ । ତୁମ୍ଭେ ଯେଉଁ ବଂଶରେ ଜନ୍ମଗ୍ରହଣ କରିଛ, ସେ ବଂଶରେ ବ୍ରହ୍ମବନ୍ଧୁ ନାମଧାରୀ କେହି ଅଶିକ୍ଷିତ ନାହାନ୍ତି । ଏହି ଋଷିବଂଶରେ କେହି ବେଦ-ବିଦ୍ୟାବିହୀନ ଓ ବ୍ରହ୍ମଚର୍ଯ୍ୟହୀନ ହୋଇ କାଳଯାପନ କରନ୍ତି ନାହିଁ ।

ଶ୍ୱେତକେତୁ ଋଷିପୁତ୍ର । ବଂଶମର୍ଯ୍ୟାଦା ତାଙ୍କଠାରେ ରହିଛି । କୁଳ-ପରମ୍ପରା, ଶୁଭ ସଂସ୍କାରର ସେ ଅଧିକାରୀ । ପିତାଙ୍କର ମୃଦୁ ଭର୍ତ୍ସନା ଓ ତାଡ଼ନା ତାହାଙ୍କୁ ଯେ ନ ବାଧିଚି ଏହା କହିବା ବାହୁଲ୍ୟ ମାତ୍ର । ସେ ଆଉ କିଛି ନକହି ଗୁରୁଗୃହକୁ ଗମନ କଲେ । ସମଗ୍ର ବେଦ ଅଧ୍ୟୟନ ନସରିବା ପର୍ଯ୍ୟନ୍ତ ସେ ସେହିଠାରେ ରହିଲେ ।

ପ୍ରଶ୍ନ –

(କ)ଶ୍ୱେତକେତୁ କିଏ ? ତାଙ୍କ ପିତାଙ୍କର ନାମ କ'ଣ ?

(ଖ) ଶ୍ୱେତ କେତୁ ବାଲ୍ୟକାଳରେ କେଉଁସବୁ ବିଷୟରେ ବିଶେଷ ଆଗ୍ରହ ଦେଖାଉଥିଲେ ?

(ଗ)ଶ୍ୱେତକେତୁଙ୍କର ପଢ଼ାପଢ଼ିରେ ଅମନୋଯୋଗିତା ଦେଖି ତାଙ୍କ ପିତା ତାଙ୍କୁ କ'ଣ କହିଥିଲେ ?

(ଘ)ପିତାଙ୍କଠାରୁ ଭର୍ତ୍ସନା ଏବଂ ତାଡ଼ନା ଶୁଣି ଶ୍ୱେତକେତୁ କ'ଣ କରିଥିଲେ ?

(ଙ) କିଶୋର ବୟସରେ ମନ କିପରି ଥାଏ ?

## ଉତ୍କଳର ଗ୍ରାମ୍ୟକଳା

Read the following passage carefully and then answer in odia questions (i) to (v) that follow

ନିମ୍ନୋକ୍ତ ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଢ଼ ଏବଂ ତା'ପରେ ନିମ୍ନରେ ଦିଆଯାଇଥିବା ଚ (କ) ରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଡ଼ିଆରେ ଲେଖ ।

ଓଡ଼ିଆର ରକ୍ତ ସହିତ ତା'ର କଳା କାମ ମିଶିକରି ରହିଛି । ଓଡ଼ିଆଣୀର ଚିତା, ଝୋଟି, ମୁରୁଜ ଯିଏ ଦେଖେ ସିଏ ତାଟକା ହୋଇ ଘଡ଼ିଏ ଚାହେଁ । ମଗୁଶିର ମାସ ଗୁରୁବାରରେ ଚିତା ପକାଇ ଘର, ଦୁଆର, ଖଳା ଏଡ଼େ ସୁନ୍ଦର କରାଯାଇଥାଏ ଯେ, ମନ ଆନନ୍ଦରେ ପୂରିଉଠେ । ଓହୋ କି ରୂପ ! କି ମଣ୍ଡଣି ! ଝିଅ ବିଦାବେଳେ ଯୋଉସବୁ ମୁଆଁ, ଉଖୁଡ଼ା, ମିଠେଇ ହାଣ୍ଡି ଭାରରେ ପଠାଯାଏ ସେଥିରେ କେମିତି ଚିତ୍ର କରାଯାଇଥାଏ ଦେଖିଛଟି । ଘରର ସ୍ତ୍ରୀଲୋକମାନେ ରାତି ରାତି ବସି ପିଠଉ ବାଟି ଏମିତି ରେଖାରେ ନକ୍ସାମାନ କରନ୍ତି ଯେ, ହାଣ୍ଡିଗୁଡ଼ିକ ଅପୂର୍ବ ସୁନ୍ଦର ଦେଖାଯାଉଥାଏ । ଯିଏ ଦେଖେ, ସିଏ ତାରିଫ୍ କରେ । ଆମ ଦେଶରେ ଚିତା ପକାଇବା କଳାରେ ସ୍ତ୍ରୀଲୋକମାନେ ଯେମିତି ସିଦ୍ଧହସ୍ତ, ଆଉ କୋଉ ଦେଶରେ ସେପରି ଥିବେ କି ନାହିଁ ସନ୍ଦେହ । ଯୋଉଠି ଦେଖିବ ସେଠି ଚିତା, ଠା' ପିଢ଼ାରେ ଚିତା, ବାହା ବେଦୀରେ ଚିତା, ବନ୍ଧାଣ ଘରେ ଚିତା, ପାନ ଥାଳିଆରେ ଚିତା, ଚନ୍ଦନପେଡ଼ିରେ ଚିତା, ପୁଣି ଜୋଁଇଙ୍କ ପାଇଁ ଯେଉଁ ପାନଭଙ୍ଗା ହେବ, ସେ ପୁଣି ଏମିତି ଖିଲିପାନ ଛ ଖଞ୍ଜା ହୋଇଥିବ ଯେ, ଯେ ଦେଖିବ ତା' ମନ ବୋଧ ।

ଏତିକିରେ ସରିଗଲାନି, ପୁଣି କୁଆଁରପୁନିଅଁରେ ଝିଅମାନେ ଯୋଉ ଜହ୍ନିଫୁଲର ଚିତା ପକାନ୍ତି ତା' ଦେଖିବ କ'ଣ ? ଜହ୍ନିଫୁଲ କୋଠି କାହା ଘରେ ସବୁଠୁ ସୁନ୍ଦର ହେବ ସେଥିପାଇଁ ଝିଅମାନଙ୍କ ମଧ୍ୟରେ ଟକ୍କର ପଡ଼େ । ଚାରିପଟେ ଫୁଲର କୋଠି, ମଝିରେ ଚନ୍ଦ୍ର; ପୁଣି ଠାଏ ଠାଏ

ଫୁଲରେ ପଦ୍ମ, ଶୁଆ, ଘୋନା, ହାତୀ କେତେ କ'ଣ ଅଙ୍କା ହୋଇଥାଏ । କ'ଣ ଦେଖିବ ଦେଖ । ଆମ ଦେଉଳଗୁଡ଼ିକରେ କାରୁକାମ କହିଲେ ନ ସରେ । ପୁରୀ, କୋଣାର୍କ, ଭୁବନେଶ୍ୱର ମନ୍ଦିର କିଏ କାହାକୁ ଊଣା । କୋଣାର୍କ ମନ୍ଦିର କାମର ପଟାନ୍ତର ନାହିଁ , ଯୋଉ ଅଳସୀ କନିଆ, ରାଧାକୃଷ୍ଣ ମୂର୍ତ୍ତି, ଯୋଉ ଗଣେଶ, କାର୍ତ୍ତିକ, ମହାଦେବ ଦେଖିଲେ ଆଖିରୁ ପାଣି ମରିଯିବ । ସତେ ଯେମିତି ବିଶ୍ୱକର୍ମା ରାତାରାତି ଆସି ନିଜେ ଆଙ୍କିଦେଇ ଯାଇଛନ୍ତି ।

ପ୍ରଶ୍ନ- (କ) ଓଡ଼ିଆଣୀର କେଉଁ କଳା-କାମ ଦେଖି ଲୋକେ ତାଟକା ହୋଇଯାଆନ୍ତି ?

(ଖ) ଚିତାସବୁ କେଉଁଠାରେ ପକାଯାଏ ?

(ଗ)ସ୍ତ୍ରୀଲୋକମାନେ ରାତି ରାତି ବସି ପିଠଉରେ କାହା ଦେହରେ ନକ୍ସାମାନ କରନ୍ତି ?

(ଘ)କୋଣାର୍କ ମନ୍ଦିରରର କେଉଁ କାମସବୁ ଦେଖିଲେ ଆଖିରୁ ପାଣି ମରିଯିବ ?

(ଙ) ଝିଅମାନଙ୍କ ମଧ୍ୟରେ କ'ଣ ପାଇଁ ଟକ୍କର ପଡ଼େ ?

## ଭୋଗ ଓ ମୋକ୍ଷ ପାଇଁ ତପ

ସନ୍ନ୍ୟାସୀଙ୍କ ନିୟମ ହେଲା – ସେମାନେ ଅଗ୍ନିକୁ ସ୍ପର୍ଶ ନକରି ପ୍ରସ୍ତୁତ ହୋଇଥିବା ଖାଦ୍ୟ ଭିକ୍ଷାସରୂପ ଗ୍ରହଣ କରିବେ; କିନ୍ତୁ ସନ୍ନ୍ୟାସୀର ବେଶଧାରଣ କରି ମନରେ ଯଦି କାମନା ଓ ବାସନା ରହିଲା, ତେବେ ସନ୍ନ୍ୟାସ ସିଦ୍ଧ ହେବନାହିଁ । ଆସକ୍ତିରହିତ କର୍ମକୁ ସନ୍ନ୍ୟାସ କୁହାଯାଏ ।

ଜଣେ ବୃଦ୍ଧ ଅନ୍ଧକାର ରାତ୍ରିରେ ଛକ ଉପରେ ଲଣ୍ଠନ ନେଇ ଛିଡ଼ା ହୋଇଥିଲେ । ତାଙ୍କର ଭାବନା ଥିଲା ଯେ ଲେକଙ୍କୁ ଅନ୍ଧାରରେ କଷ୍ଟ ନ ହେଉ ।

ଜଣେ କେହି ବୃଦ୍ଧଜଣଙ୍କୁ ପଚାରିଲେ – 'ବାବା ! ଲୋକଙ୍କୁ ଆଲୋକ ମିଳିଲେ ତୁମର ଲାଭ କ'ଣ ?' ବୃଦ୍ଧଜଣକ କହିଲେ – 'ମୁଁ ଲୋକଙ୍କୁ ବାହାରେ ଆଲୋକିତ କରୁଛି, କିନ୍ତୁ ଏହି କାର୍ଯ୍ୟ ଫଳରେ ମୋର ଅନ୍ତରାତ୍ମା ଆଲୋକିତ ହେଉଛି, ତାହା ହିଁ ମୋର ଲାଭ ।'

ଯେଉଁ ଗତି ଯୋଗୀ ଏବଂ ସନ୍ନ୍ୟାସୀଙ୍କୁ ମିଳେ, ସେହି ଗତି ନିଷ୍କାମ କର୍ମ କରିବାବାଲାଙ୍କୁ ମିଳେ ।

ଥରେ ସନ୍ଥ ଜ୍ଞାନେଶ୍ୱର ମହାରାଜ ସକାଳୁ ନଦୀ କୂଳରେ ବୁଲୁଥିବା ବେଳେ ଦେଖିଲେ ଗୋଟିଏ ପିଲା ନଈରେ ବୁଡ଼ିଯାଉଛି ଏବଂ ପାଖରେ ଜଣେ ସାଧୁ ଆଖି ବନ୍ଦକରି ବସିଛନ୍ତି । ଜ୍ଞାନେଶ୍ୱର ତୁରନ୍ତ ନଦୀ ଭିତରକୁ ଡ଼େଇଁପଡ଼ିଲେ ଏବଂ ବୁଡ଼ିଯାଉଥିବା ପିଲାଟିକୁ ଉଦ୍ଧାର କରିବା ପରେ ସନ୍ନ୍ୟାସୀଜଣଙ୍କୁ ଚିତ୍କାର କରି ଡ଼ାକିଲେ ।

ସନ୍ନ୍ୟାସୀ ଆଖି ଖୋଲିଲା ପରେ ଜ୍ଞାନେଶ୍ୱର ପଚାରିଲେ – 'ମହାରାଜ, କ'ଣ ସତରେ ଆପଣ ଧ୍ୟାନମଗ୍ନ ଥିଲେ ?' ସନ୍ନ୍ୟାସୀ କହିଲେ - ଧ୍ୟାନ ହେଉନଥିଲା, ବରଂ ମନ ଏପଟ ସେପଟ ଦଉଡୁଥିଲା ।'

ଜ୍ଞାନେଶ୍ୱର ପଚାରିଲେ – 'ନଈ ଭିତରେ ଗୋଟିଏ ପିଲା ବୁଡ଼ିଯାଉଛି – ଏକଥା କ'ଣ ଆପଣ ଜାଣିନଥିଲେ '

'ଦେଖିଥିଲି ଯେ ମୁଁ ଧ୍ୟାନରେ ବସିଥିଲି ତ ତେଣୁ . . . ?' ବୋଲି ସନ୍ନ୍ୟାସୀ ଜଣକ କହିବାରୁ ସନ୍ଥ ଜ୍ଞାନେଶ୍ୱର କହିଲେ – 'ତେବେ ଆପଣ ଧ୍ୟାନରେ କେବେ ସଫଳ ହୋଇପାରିବେ ନାହିଁ ।' ଇଶ୍ୱର ଆପଣଙ୍କୁ କାହାର ସେବା କରିବାର ସୁଯୋଗ ଦେଇଥିଲେ, ପିଲାଟିକୁ ନଦୀଜଳରୁ ଉଦ୍ଧାର କରିବା ଆପଣଙ୍କ କର୍ତ୍ତବ୍ୟ ମଧ୍ୟ ଥିଲା; କିନ୍ତୁ ଆପଣ କିଛି କଲେନାହିଁ । ଯଦି କର୍ତ୍ତବ୍ୟ କରିଥାଆନ୍ତେ, ତେବେ ଧ୍ୟାନରେ ମନ ଲାଗିଥାଆନ୍ତା ।'

ସନ୍ଥ ଜ୍ଞାନେଶ୍ୱର କହିଲେ – 'ହେ ସନ୍ନ୍ୟାସୀ ! ଇଶ୍ୱରଙ୍କ ବଗିଚା ନଷ୍ଟ ହୋଇଯାଉଛି ଏବଂ ଆପଣ ବଗିଚାରୁ ଆନନ୍ଦ ଲୁଟିବାପାଇଁ ତତ୍ପର । ବଗିଚାରୁ ଆନନ୍ଦ ପାଇବାକୁ ହେଲେ ତା'ର ଯତ୍ନ ନେବା ମଧ୍ୟ ଆବଶ୍ୟକ ।'

ପରହିତ – ଶାସ୍ତ୍ର ଅନୁମୋଦିତ କାର୍ଯ୍ୟ । ଆସକ୍ତିରହିତ କାର୍ଯ୍ୟଦ୍ୱାରା ମଣିଷର ଯୋଗ୍ୟତା ବିକଶିତ ହୁଏ ଏବଂ ପରମାତ୍ମା ଜ୍ଞାନ ତଥା ପରମାତ୍ମା ଧ୍ୟାନପାଇଁ ଯୋଗ୍ୟ ହୁଏ ।

ଉପରେ ଦିଆଯାଇଥିବା ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଠନ କରି (କ) ରୁ (ଙ)ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ଲେଖ ।

ପ୍ରଶ୍ନ – (କ)ସନ୍ନ୍ୟାସୀମାନଙ୍କ ଜୀବନର ନିୟମ କ'ଣ ?

(ଖ) ବୃଦ୍ଧଜଣକ କ'ଣ କରୁଥିଲେ ? ସେ ଏପରି କରିବାର କାରଣ କ'ଣ ?

(ଗ)ଜ୍ଞାନେଶ୍ୱର ମହାରାଜ ନଦୀକୂଳରେ ବୁଲୁଥିବା ବେଳେ କ'ଣ ଦେଖିଥିଲେ ?

(ଘ) ଜ୍ଞାନେଶ୍ୱର ସନ୍ନ୍ୟାସୀଙ୍କୁ ପିଲାଟିର ବୁଡ଼ିଯିବା ବିଷୟରେ ପଚାରିବାରୁ ସନ୍ନ୍ୟାସୀ କି ଉତ୍ତର ଦେଇଥିଲେ ?

(ଙ)ପ୍ରକୃତ ଧ୍ୟାନ କ'ଣ ? ଏହାର ସଫଳତା କିପରି ମିଳିଥାଏ ? ଜ୍ଞାନେଶ୍ୱର ଏ ବିଷୟରେ ସନ୍ନ୍ୟାସୀଙ୍କୁ ଯାହା କହିଥିଲେ ଲେଖ ।

# ଅତିଥି ଦେବତା

ଭୀଷଣ ଶୀତ । ପୀଣି ଭୟଙ୍କର ଜଙ୍ଗଲ । ରାତି ହେଲାଣି । ଏଣେ ଆଉ ଘରକୁ ଫେରିବା ସମ୍ଭବ ନୁହେଁ ।

ଶବର ବିଚରା ଜଙ୍ଗଲ ଚାରିଆଡ଼େ ଚାହିଁ ଥକା ହୋଇ ଗୋଟିଏ ଗଛମୂଳେ ବସିପଡ଼ିଲା । ଜଙ୍ଗଲସାରା ବୁଲି ବୁଲି ଗୋଟିଏ ହେଲେ ବି ଶିକାର ପାଇଲା ନାହିଁ । ତା' କପାଳ ଫଟା ନହେଲେ ଏମିତି ତ କେବେ ହୋଇନାହିଁ । ଭାଗ୍ୟ ଉପରେ ଦୋଷ ଦେଇ ବାଧହୋଇ ଶିକାରୀ ଜଣକ ରାତିଯାକ ସେହି ଗଛମୂଳେ ବସିଲା ।

ଶୀତରେ ଦେହ ଥରିଯାଉଛି, ଦାନ୍ତକୁ ଦାନ୍ତ ବାଡ଼େଇ ହୋଇଯାଉଛି । ପ୍ରତିକ୍ଷଣ ଏକ ଯୁଗ ପରି ଲାଗୁଛି, ସାରା ରାତିଟା ବିତିବ କିପରି । ଶବର ମନରେ ଚିନ୍ତା । ତେଣେ ଘରଲୋକେ ସବୁ ଓପାସ ଥିଲେ । ଘରେ ଖାଇବା ପାଇଁ ନ ଥିଲା । ଯାହା କିଛି ଫଳମୂଳ ଶାଗଭଜା ଥିଲା ତାହା ଦିନରେ ଶେଷ ହୋଇଯାଇଥିବ । ରାତିରେ ପିଲାଏ ନିଶ୍ଚୟ ଓପାସରେ ରହିଥିବେ । ଶବର ମନ ଦୁଃଖରେ ଭାଙ୍ଗିପଡ଼ିଲା । ଯାହାହେଉ ଯେକୌଣସି ମତେ ଏଠାରେ ରାତିଟି କଟାଇ ସକାଳୁ କିଛି ଶିକାର ମିଳିବା ଆଶାରେ ଶବର ଗଛମୂଳେ ବସିରହିଲା ।

ଏଣେ ପ୍ରବଳ ଥଣ୍ଡା ସାଙ୍ଗକୁ କୋହଲା ପାଗ । ଶବର କିଛି ଶୁଖିଲା କାଠ ଯୋଗାଡ଼ କରି ଏକାଠି କଲା । କାଠକୁ କାଠ ଘଷି ନିଆଁ ବାହାର କଲା । ଶୁଖିଲା କାଠରେ ନିଆଁ ଲଗାଇ ଜଳାଇଲା । ଗଛ ଗଣ୍ଡିରେ ଦେହକୁ ଆଉଜେଇ ଦେଇ ଶୋଇବାକୁ ଚେଷ୍ଟାକଲା ।

କିନ୍ତୁ ନିଦ ହେଉଛି କୁଆଡୁ । ଏକେ ତ ଜଙ୍ଗଲରେ ହିଂସ୍ରଜନ୍ତୁଙ୍କ ଭୟ । ଦ୍ୱିତୀୟରେ ପେଟରେ ପ୍ରବଳ ଭୋକ । ସେ ମଧ୍ୟ ଦିନସାରା କିଛି ଖାଇନାହିଁ । ରାତିରେ ବି ଓପାସ ।

ପେଟରେ ଭୋକ ଥିଲେ କ'ଣ କେବେ ନିଦ ହୁଏ । ଶବର ଜାଣିଲା ଯେ ଏମିତି ଛଟପଟ ହୋଇ ଶେଷରେ ଏଠାରେ ରାତିଟି କାଟିବାକୁ ପଡ଼ିବ ।

ରାତି ଧୀରେ ଧୀରେ ବଢ଼ିବାକୁ ଲାଗିଲା । ଯେଉଁ ଗଛତଳେ ଶବର ଜଣକ ବିଶ୍ରାମ ନେଇଥିଲା, ସେ ଗଛ ଡ଼ାଳରେ ଏକ କପୋତ ଦମ୍ପତି ବସିଥିଲେ । ଗଛଡ଼ାଳରେ ତାଙ୍କର ଏକ ଛୋଟ ବସାଘର । ସ୍ୱାମୀ-ସ୍ତ୍ରୀ ଦୁଇପ୍ରାଣୀ । କେବେ କାହାର ଅନିଷ୍ଟ ଚିନ୍ତା ମଧ୍ୟ କରନ୍ତି ନାହିଁ । ଉଡ଼ି ବୁଲି ଖାଇପିଇ ତାଙ୍କର ଜୀବନ କଟିଯାଉଥାଏ ।

କିନ୍ତୁ ସେମାନଙ୍କୁ ଆଜି ରାତିରେ ନିଦ ନାହିଁ । ସେମାନଙ୍କ ଘରେ ଅତିଥି ଠାକୁର ଭୋକ ଓପାସରେ ବସିଛନ୍ତି, ଅଥଚ ସେମାନେ ତାଙ୍କପାଇଁ କିଛି କରିପାରୁ ନାହାନ୍ତି । ସେମାନେ ନିଜକୁ ଖୁବ୍ ଦୋଷୀ ବୋଲି ଭାବି ଦୁଃଖରେ ବସିଛନ୍ତି ।

କପୋତୀ କପୋତକୁ ପଚାରିଲା, "ସ୍ୱାମୀ ! କେବେ ତ ଆମ ଘରକୁ ଅତିଥି ଆସନ୍ତି ନାହିଁ । ଆଜି ଦେଖ ଭଗବାନଙ୍କ କି କରୁଣାରେ ଅଯାଚିତ ଭାବରେ ଆମ ସେବାର ପରୀକ୍ଷା ନେବାପାଇଁ ଆମ ଘରକୁ ଅତିଥି ହୋଇ ତାଙ୍କୁ ପଠାଇଛନ୍ତି । ଅତିଥି ଦେବତା ଭୋକିଲା ଜଣା ପଡୁଛନ୍ତି । ତାଙ୍କ ମୁହଁକୁ ଚାହିଁ ଦେଖ ମୁହଁ କେମିତି ଶୁଖିଯାଇଛି । ଦେଖୁଛ ତାଙ୍କ ପେଟ କିପରି ପଶିଯାଇଛି ।

କପୋତ ସ୍ତ୍ରୀ କପୋତୀର ହୃଦୟର ଦୁଃଖକୁ ବୁଝିପାରୁଥିଲା; କିନ୍ତୁ ଉପାୟ ଆଉ କ'ଣ ଅଛି ? ରାତିରେ ସେ ତ କେଉଁଠିକୁ ଉଡ଼ିଯାଇ ପାରିବ ନାହିଁ । ଫଳ ଆଦି କେମିତି ସଂଗ୍ରହ କରି ଆଣିବ ?

କେବଳ ନିରୁପାୟ ହୋଇ ବସିବା ଛଡ଼ା ତା'ର ଆଉ କିଛି ରାସ୍ତା ନଥିଲା । କହିଲା, "କପୋତୀ! ଏଥିରେ ବା ଆମର ଦୋଷ କ'ଣ ? ଆମେ ତ ଛାର ଚଢ଼େଇ । ରାତିରେ ଉଡ଼ିବା ଆମ ପକ୍ଷରେ ସମ୍ଭବ ନୁହେଁ । ଆମେ କ'ଣ ଜାଣିଶୁଣି ଅତିଥିଙ୍କୁ ଓପାସ ରଖିଛୁ ?"

କପୋତୀର ମନକୁ କିନ୍ତୁ କଥାଟା ପାଇଲା ନାହିଁ । ଅତିଥିଙ୍କୁ ଖାଇବାକୁ ଦେବା ଆମର କାମ, କର୍ମ – ସେଥିପାଇଁ ଯେତେ କିଛି କଷ୍ଟ କରିବାକୁ ପଡୁନା କାହିଁକି – "ସ୍ୱାମୀ ମୋ ମନରେ ଏବେ ଗୋଟିଏ ଉପାୟ ଚିନ୍ତାକଲା । ଅତି ଖୁସିରେ କପୋତକୁ କହିଲା – "ସ୍ୱାମୀ ମୋ ମନରେ ଏବେ ଗୋଟିଏ ଉପାୟ ଜୁଟିଛି । ମୁଁ ଭାବୁଛି ଏହା ବ୍ୟତୀତ ଆଉ କିଛି କରିହେବ ନାହିଁ ।"

କପୋତ ବି ଖୁସି ହୋଇଗଲା; କହିଲା, "ଯାହାହେଉ ତୋ ମୁଣ୍ଡକୁ ତ ବୁଦ୍ଧି ଜୁଟିଲା । କହୁନାହୁଁ ମୋତେ କ'ଣ କରିବାକୁ ହେବ ?"

କପୋତୀ କହିଲା – "ତୁମକୁ କିଛି କରିବାକୁ ପଡ଼ିବ ନାହିଁ । ସବୁ ମୁଁ କରିବି । ଦେଖ, ଶବର ଜଣକ ନିଆଁ ଜାଳି ବସିଛି । ମୁଁ ବିଚାର କରିଛି ଜଳୁଥିବା ନିଆଁରେ ମୁଁ ଉଡ଼ି ପଡ଼ିଯିବି; ତାହେଲେ ସେଥିରେ ମୁଁ ପୋଡ଼ିହାଇ ମରିଯିବି ଏବଂ ଶବର ଜଣକ ମୋ ସିଝା ମାଂସ ଖାଇ ତା'ର ଭୋକ ମେଣ୍ଟାଇବ ।"

କପୋତ କହିଲା – "କପୋତୀ ! ତୁ ନିଜକୁ ବଡ଼ ଚାଲାକ ଭାବିଛୁ । ତୁ ଏକୁଟିଆ ଅତିଥି ସେବା କରିବୁ ବୋଲି ବିଚାରିଛୁ । ଏତେ ବଡ଼ ଲୋକଟା, ତୋ ଦେହର ଏତିକି ଟିକେ ମାଂସ ଖାଇ କ'ଣ ତା'ର ଭୋକ ଦୂରହେବ ? ମୁଁ ମଧ ତୋ ସହ ନିଆଁରେ ଝାସ ଦେବି ତା' ହେଲେ ସେ ଆମ ଦୁହିଁଙ୍କର ମାଂସ ଖାଇ ଆରାମରେ ଶୋଇବ । ଆମର ଅତିଥି ସେବା ବି ସାର୍ଥକ ହେବ ।"

ଦେଖୁ ଦେଖୁ ଆଖିପିଛୁଳାକେ କପୋତ-ଦମ୍ପତି ନିଆଁକୁ ଡ଼େଇଁପଡ଼ିଲେ । ଶବର ଶିକାରୀ ଜଣକ ଏ ଦୃଶ୍ୟ କିଛି ବୁଝିପାରିଲା ନାହିଁ । ସେ ଏମାନଙ୍କର ମାଂସ ଖାଇ ରାତି କଟାଇଲା ।

ଦୁଇଟି ଛୋଟ ଜୀବ ଅତିଥିପାଇଁ ନିଜ ଜୀବନ ଦେଇଦେଲେ ।

ଉପରେ ଦିଆଯାଇଥିବା ଗଦ୍ୟାଂଶଟି ଯତ୍ନ ସହକାରେ ପଢ଼ି (କ) ଠାରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ଲେଖ ।

ପ୍ରଶ୍ନ – (କ) ଏଠାର ଅତିଥି ଜଣକ କିଏ ? ତାଙ୍କର ଚିନ୍ତା କ'ଣ ଥିଲା ?

(ଖ)ଶବରକୁ ନିଦ ହେଉନଥିଲା କାହିଁକି ?

(ଗ)କପୋତ-କପୋତୀ ଦୁଇଟି ନିଜକୁ ଦୋଷୀ ଭାବି ଦୁଃଖ କରୁଥିଲେ କାହିଁକି ?

(ଘ)କପୋତୀ, କପୋତକୁ କିପରି ଭାବେ ଅତିଥି ସତ୍କାର କରିବ ବୋଲି କହିଲା ?

(ଙ)କ୍ଷୁଦ୍ର ପକ୍ଷୀ ଦୁଇଟି ନିଜର ତ୍ୟାଗ, ସାହସ, କର୍ତ୍ତବ୍ୟନିଷ୍ଠା ପାଇଁ ଯେ ମହନୀୟ ଏକଥାରେ ତୁମେ ଏକମତ କି ?

# ବ୍ରହ୍ମଜ୍ଞାନର ଅଧିକାରୀ

ଜଣେ ସାଧକ କୌଣସି ଜଣେ ମହାତ୍ମାଙ୍କ ପାଖକୁ ଆସି କହିଲେ – ମୋତେ ଆତ୍ମସାକ୍ଷାତକାରର ଉପାୟ କହନ୍ତୁ । ମହାତ୍ମା ଜଣକ ତାଙ୍କୁ କହିଲେ – ଗୋଟିଏ ବର୍ଷ ପର୍ଯ୍ୟନ୍ତ ଏକାନ୍ତରେ ରହି ମନ୍ତ୍ର ଜପ କର । ଯେଉଁଦିନ ବର୍ଷ ପୂର୍ତ୍ତିହେବ, ସେହିଦିନ ସ୍ନାନ କରି ମୋ' ପାଖକୁ ଆସିବ ।

ସାଧକ ଜଣକ ସେହିଭଳି କଲେ । ବର୍ଷ ପୂର୍ତ୍ତିହେବା ଦିନ ସେ ଗାଧୋଇ ପାଧୋଇ ଆସି ମହାତ୍ମାଙ୍କ ପାଖରେ ପହଞ୍ଚିଲେ । ମହାତ୍ମା ନିର୍ଦ୍ଦେଶ ଦେଇଥିଲେ ଯେ ସାଧକ ଜଣକ ଆଶ୍ରମରେ ପହଞ୍ଚିବା ମାତ୍ରେ ମେହ୍ନରମାନେ ତାଙ୍କ ଉପରକୁ ମଇଳା ପକାଇବେ । ମେହେ୍ତରମାନେ ତାହାହିଁ କଲେ । ସାଧକ ଜଣକ ଏହା ଦେଖି ଅତ୍ୟନ୍ତ କ୍ରୋଧିତ ହୋଇଗଲେ ଏବଂ ମେହେନ୍ତରମାନଙ୍କୁ ମାରିବା ପାଇଁ ଗୋଡ଼େଇଲେ । ମେହେନ୍ତରମାନେ ଦଉଡ଼ି ପଳାଇଲେ । ପୁଣି ଆଉଥରେ ସେ ଗାଧୋଇ ମହାତ୍ମାଙ୍କ ନିକଟକୁ ଆସିଲେ । ମହାତ୍ମାଜୀ କହିଲେ – 'ଭାଇ ! ଏବେ ତ ତୁମେ ସାପପରି କାମୁଡ଼ିବାକୁ ଦୌଡୁଛ । ଆଉ ବର୍ଷେ ଏକାନ୍ତରେ ବସି ମନ୍ତ୍ର ଜପ କର । ତା' ପରେ ଯାଇ ଆସିବ ।'

ଯେଉଁଦିନ ଦ୍ୱିତୀୟ ବର୍ଷ ପୂରାହେଲା ମହାତ୍ମା ଜଣଙ୍କ ପାଖକୁ ସାଧକ ଜଣକ ପୁଣି ସ୍ନାନଧ୍ୟାନ ସାରି ଆସିଲେ । ମହାତ୍ମାଙ୍କ ନିର୍ଦ୍ଦେଶ ଥିଲା – ସାଧକ ଜଣକ ଆସିଲେ ତା' ଦେହରେ ଟିକେ ଝାଡୁ ମାରିଦେବ । ତାହାହିଁ ହେଲା । ସାଧକ ଜଣକ ମେହେନ୍ତରକୁ ମାରିବା ପାଇଁ ନ ଗୋଡ଼ାଇ ଖରାପ ଭାଷାରେ ଗାଳି ଦେଲେ ।

ମହାତ୍ମା ଏହା ଦେଖି କହିଲେ – 'ଏଥର ତୁମେ ସାପପରି କାମୁଡ଼ିବା ପାଇଁ ତ ଗୋଡ଼େଇ ନାହିଁ; କିନ୍ତୁ ଫଁ କରିଛ । ଏହି ଅବସ୍ଥାରେ ଆତ୍ମସାକ୍ଷାତ୍‌କାର ଅସମ୍ଭବ । ତେଣୁ ତୁମେ ଆଉ ଏକବର୍ଷ ଜପକର ।'

ସାଧକ ଏଥର ଅନୁତପ୍ତ ହେଲେ ଏବଂ ପଶ୍ଚାତ୍ତାପ ସହିତ ଭବିଷ୍ୟତରେ ଏଭଳି ଭୁଲ ନ କରିବା ପାଇଁ ସଂକଳ୍ପ କରି ପୁଣି ଯାଇ ମନ୍ତ୍ର ଜପ କରିବାକୁ ଲାଗିଲେ । ସେ ଭାବିଲେ ଏହା ବାସ୍ତବରେ ମୋ ପାଇଁ ମହାତ୍ମାଙ୍କ ପରୀକ୍ଷା । ସେ ତାଙ୍କ ଅନୁକମ୍ପା ପାଇଁ କୃତଜ୍ଞତା ପ୍ରକାଶ କଲେ ।

ବର୍ଷସାରା ସାଧକ ଜଣକ ପୁଣି ମନ୍ତ୍ରଜପ କଲେ । ତୃତୀୟ ବର୍ଷ ପୂର୍ଣ୍ଣ ହେଲା ପରେ ସେ ଆଶ୍ରମକୁ ଗଲେ । ମହାତ୍ମା ମେହେନ୍ତରମାନଙ୍କୁ କହିଥିଲେ, ଯେତେବେଳେ ସାଧକ ଜଣକ ଆସିବ, ତା' ଆଗରେ କେବଳ ମଇଳାର କିଛି ଅଂଶ ଉଡ଼ାଇ ଦେବ । ଏବେ ଦେଖିବ ସେ ପାଟିତୁଣ୍ଡ କରିବ ନାହିଁ ।

ମେହେନ୍ତରମାନେ ତାହା ହିଁ କଲେ । ସାଧକର ମନ ନିର୍ମଳ ହୋଇ ସାରିଥିଲା । ତାଙ୍କୁ କ୍ରୋଧ ତ ଆସିଲା ନାହିଁ, ଅପରନ୍ତୁ ମେହେନ୍ତରଙ୍କ ପ୍ରତି ତାଙ୍କ ମନରେ କୃତଜ୍ଞତାର ଭାବ ଆସିଲା । ସେ କହିଲେ, ହେ ମେହେନ୍ତର ଭାଇମାନେ ତୁମ କୃପାରେ ମୁଁ ଆଜି ସାଧନାରେ ସିଦ୍ଧିଲାଭ କରିବାକୁ ଯାଉଛି । ତୁମ ଦୟାରେ ମୋ' ମନ ଏବେ ସମ୍ପୂର୍ଣ୍ଣ ଦୁର୍ଭାବନାଶୂନ୍ୟ ହୋଇଯାଇଛି । ଗୁରୁ ମହାରାଜ ଆଜି ଅବଶ୍ୟ ମୋତେ ଉପଦେଶ ଦେବେ ।

ଏହା କହି ସ୍ନାନ ସାରି ସାଧକ ଜଣକ ମହାତ୍ମାଙ୍କ ପାଖକୁ ଆସି ତାଙ୍କ ଚରଣସ୍ପର୍ଶ କଲେ । ମହାତ୍ମା ସାଧକଙ୍କୁ ଛାତିରେ ଲଗାଇ ତାଙ୍କ ମୁଣ୍ଡ ଉପରେ ହାତ ରଖିଲେ । କହିଲେ - ଅନ୍ତଃକରଣ ଶୁଦ୍ଧ ହେଲେ ଆତ୍ମସାକ୍ଷାତ୍କାର ହୁଏ ତଥା ବ୍ରହ୍ମଜ୍ଞାନ ଗ୍ରହଣର ପାତ୍ରତା ସୃଷ୍ଟି ହୁଏ । ତୁମ ଭିତରେ ଜ୍ଞାନ ଅଛି; କିନ୍ତୁ କ୍ରୋଧ ଓ ଅହଂକାରର ଆବରଣ ତାକୁ ଘୋଡ଼େଇ ରଖିଥିଲା । ଏବେ ତୁମ୍ଭେ ନିର୍ମଳ ହୃଦୟରେ ସଂଯତ ମନରେ ଅସାଧ୍ୟକୁ ସାଧ୍ୟ କରିପାରିବ ।

ଉପରେ ଦିଆଯାଇଥିବା ଗଦ୍ୟାଂଶଟି ଯତ୍ନ ସହକାରେ ପଢ଼ି (କ) ଠାରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ଲେଖ ।

ପ୍ରଶ୍ନ – (କ)ସାଧକ ଜଣକ ମହାତ୍ମାଙ୍କୁ କ'ଣ କହିଲେ ? ମହାତ୍ମା ଏହାର ଉତ୍ତରରେ ସାଧକଙ୍କୁ କ'ଣ କହିଥିଲେ ?

(ଖ)ସାଧକ ଜଣକ କ୍ରୋଧିତ ହେବାର କାରଣ କ'ଣ ?

(ଗ)ସାଧକଙ୍କୁ କ୍ରୋଧ କରିବାର ଦେଖି ମହାତ୍ମା ତାଙ୍କୁ କ'ଣ କହିଥିଲେ ?

(ଘ)ତୃତୀୟ ବର୍ଷ ଶେଷରେ ସାଧକ ମହାତ୍ମାଙ୍କ ନିକଟକୁ ଆସିଲାବେଳେ ଯାହାସବୁ ଘଟିଲା ବର୍ଣ୍ଣନା କର ।

(ଙ) ସାଧକଙ୍କର ଏତାଦୃଶ ପରିବର୍ତ୍ତନ ଦେଖି ମହାତ୍ମା କ'ଣ କଲେ ?

# ସବୁ ହିଁ କର୍ମର ଫଳ

ମହାଭାରତ ଯୁଦ୍ଧ ପରେ ଯେତେବେଳେ ଧର୍ମରାଜ ଯୁଧିଷ୍ଠିର ଯୁଦ୍ଧରେ ଦୁଇପକ୍ଷର ନିହତ ୨୯ ଅକ୍ଷୌହିଣୀ ସେନା, ନଷ୍ଟ ହୋଇଥିବା ଅଗଣିତ ଶସ୍ତ୍ର-ଅସ୍ତ୍ର, ରଥ, ହାତୀ, ଘୋଡ଼ା ଆଦି ତଥା ବିନାଶ ହୋଇଥିବା ଅପାର ଧନରାଶି ସମ୍ପର୍କରେ ଚିନ୍ତା କଲେ, ତାଙ୍କ ମସ୍ତିଷ୍କ ବିଚଳିତ ହୋଇଉଠିଲା । ଯେଉଁ ରାଜ୍ୟ ହାସଲ ପାଇଁ ଏତେ ସବୁ ହେଲା ତାହା ପରେ ମଧ ସେ ସନ୍ତୁଷ୍ଟ ଓ ଆନନ୍ଦିତ ନଥିଲେ । ତାଙ୍କର ବିଜୟର ସୁଖ ଦୁଃଖରେ ବଦଳିଗଲା ଏବଂ ରାଜସିଂହାସନ ପ୍ରତି ତାଙ୍କ ମନରେ ଅରୁଚି ଓ ବୈରାଗ୍ୟ ସୃଷ୍ଟିହେଲା । ପିତାମହ ଭୀଷ୍ମ, ଗୁରୁ ଦ୍ରୋଣ, ମହାରଥୀ  କର୍ଣ୍ଣ ଆଦିଙ୍କ ମୃତ୍ୟୁ ପାଇଁ ସେ ନିଜକୁ ଦାୟୀ କରିବାକୁ ଲାଗିଲେ । ଲକ୍ଷ ଲକ୍ଷ ଲଳନାଙ୍କୁ ବିଧବା କରିବା ତଥା  ଅମାପ ଧନସମ୍ପତ୍ତିର ବିନାଶ ତାଙ୍କରି କାରଣରୁ ହୋଇଛି ବୋଲି ସେ ବିଚାରିବାକୁ ଲାଗିଲେ । ଯୁଦ୍ଧ ପୂର୍ବରୁ ଯେପରି ଅର୍ଜୁନଙ୍କ ମନରେ ବୈରାଗ୍ୟ ଉପନ୍ନ ହୋଇଥିଲା, ଯୁଦ୍ଧ ପରେ ଯୁଧିଷ୍ଠିରଙ୍କ ମନରେ ସେହି ଭାବ ଜାଗତ ହେଲା ।

ଯୁଧିଷ୍ଠିରଙ୍କ ମନରେ ସୃଷ୍ଟି ହୋଇଥିବା ବିରକ୍ତି ଓ ଗ୍ଲାନିକୁ ଦୂର କରିବାପାଇଁ ସେ ସମୟର ସବୁ ସାଧୁସନ୍ଥ, ମୁନିଋଷି, ମହାତ୍ମାଙ୍କ ସହିତ ସ୍ୱୟଂ ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ, ଚାରିଭାଇ ଆଦି ସବୁପ୍ରକାର ଚେଷ୍ଟାକଲେ; କିନ୍ତୁ ଯୁଧିଷ୍ଠିର ଅଶାନ୍ତ ଥିଲେ । ପରିଶେଷରେ ସଖା ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଯୁଧିଷ୍ଠିର ଶରଶଯ୍ୟା ଉପରେ ଥିବା ପିତାମହ ଭୀଷ୍ମଙ୍କ ନିକଟରେ ଉପସ୍ଥିତ ହୋଇ ଶାନ୍ତିପାଇଁ ଉପଦେଶ ମାଗିଲେ ।

ପିତାମହଙ୍କୁ ଶରଶଯ୍ୟା ଉପରେ ଦୁଃଖଦ ସ୍ଥିତିରେ ଦେଖି ଧର୍ମରାଜ ଯୁଧିଷ୍ଠିର ଆହୁରି ମନସ୍ତାପରେ ପଡ଼ିଲେ । ଅତ୍ୟନ୍ତ କାତରତାର ସହିତ ସେ ଭୀଷ୍ମଙ୍କୁ କହିଲେ, 'ହେ ପିତାମହ ! ଆପଣଙ୍କର ଏ ଅବସ୍ଥା କେବଳ ମୋରି ପାଇଁ । ମହାଭାରତ ଯୁଦ୍ଧରେ ଯାହା ବିନାଶ ହେଲା ସେସବୁ ପାଇଁ ମୁଁ ଦାୟୀ ।' ଯୁଧିଷ୍ଠିରଙ୍କ ମନରେ ସନ୍ତାପ ଏବଂ ବୈରାଗ୍ୟ ଦେଖି ପିତାମହ ଭୀଷ୍ମ

ତାଙ୍କୁ ରାଜନୀତି, ଧର୍ମନୀତି, ଅର୍ଥନୀତି ଏବଂ ସମାଜନୀତି ଉପରେ ବିଭିନ୍ନ ପ୍ରକାରର ଉପଦେଶ ଦେଲେ । ପିତାମହଙ୍କଦ୍ୱାରା ପ୍ରଦତ୍ତ ଉପଦେଶକୁ ମହାଭାରତରେ 'ଶାନ୍ତିପର୍ବ' ବୋଲି କୁହାଯାଇଛି । ଏତେ ଉପଦେଶ ସତ୍ତ୍ୱେ ଯୁଧିଷ୍ଠିରଙ୍କ ମନ ଅଶାନ୍ତ ରହିଲା । ଏହା ଲକ୍ଷ୍ୟ କରି ପିତାମହ ଭୀଷ୍ମ କହିଲେ, 'ହେ ଯୁଧିଷ୍ଠିର ! ବ୍ୟକ୍ତି ସର୍ବଦା କାଳ, ଅଦୃଷ୍ଟ ତଥା ଈଶ୍ୱରଙ୍କ ଅଧୀନରେ ରହିଆସିଛି । ଯିଏ ପରାଧୀନ, କୌଣସି କାର୍ଯ୍ୟପାଇଁ ସେ ଉତ୍ତରଦାୟୀ ନୁହେଁ ; ତୁମେ ମଧ୍ୟ କାଳର ଅଧୀନ । ତେଣୁ ତୁମେ ନିଜକୁ ଏସବୁ ପାଇଁ ଦୋଷୀ ଭାବୁଛ କାହିଁକି ? କର୍ମର କର୍ତ୍ତା ଏବଂ କାରଣ କିଏ, ଏହା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଗୂଢ଼ ବିଷୟ । ଏହାକୁ ବୁଝିବାପାଇଁ ମୁଁ ତୁମକୁ ଏକ ଘଟଣା କହୁଛି ।

ପ୍ରାଚୀନ କାଳରେ ଗୌତମୀ ନାମକ ବ୍ରାହ୍ମଣୀ ଥିଲା ଏବଂ ତା'ର ଗୋଟିଏ ମାତ୍ର ପୁତ୍ର ଥିଲା । ଦିନେ ତା' ପୁତ୍ରକୁ ସାପ କାମୁଡ଼ିଲା ପରେ ତା'ର ମୃତ୍ୟୁ ହୋଇଗଲା । ଦଂଶନ କରିଥିବା ସାପଟିକୁ ଅର୍ଜୁନକ ନାମକ ଏକ କେଉଟ ଜାଲରେ ଧରି ବ୍ରାହ୍ମଣୀ ପାଖକୁ ଆଣିଲା ଏବଂ ତା'ର ପୁତ୍ର ହତ୍ୟାକାରୀକୁ ସେ କି ପ୍ରକାର ଦଣ୍ଡଦେବାକୁ ଚାହୁଁଛି ବୋଲି ପଚାରିଲା । ବ୍ରାହ୍ମଣୀ କହିଲା, 'ଯାହା ହେବାକୁ ଥିବ, ତାହା ହେବ; ସାପକୁ ମାରିଦେଲେ କ'ଣ ମୋ' ପୁଅ ବଞ୍ଚିଯିବ ?' ବ୍ରାହ୍ମଣୀ କଥାରେ କିନ୍ତୁ କେଉଟ ସନ୍ତୁଷ୍ଟ ହେଲାନି, ସେ ଭାବିଲା ସାପକୁ ଛାଡ଼ିଦେଲେ ସେ ଅନ୍ୟ କାହାକୁ ମାରିବ; ତେଣୁ ସେ ସାପକୁ ମାରିବାପାଇଁ ଜିଦ୍ ଧରିଲା । ବ୍ରାହ୍ମଣୀ କିନ୍ତୁ ସାପକୁ ମାରିବା ସପକ୍ଷରେ ନଥିଲା ।

ବ୍ରାହ୍ମଣୀ ଏବଂ କେଉଟ ମଧ୍ୟରେ କଥୋପକଥନ ଶୁଣି ଜାଲ ଭିତରେ ପଶିଥିବା ସାପ କହିଲା – 'ହେ ଅର୍ଜୁନକ, ମୁଁ ଏ ବାଳକର ମୃତ୍ୟୁର କାରଣ ନୁହେଁ, ମୁଁ ତ ପରାଧୀନ । ଯମଙ୍କର ଆଦେଶ ଥିଲା ଏହାକୁ ଦଂଶନ କରିବାପାଇଁ । ବାଳକର ମୃତ୍ୟୁ ପାଇଁ କେବଳ ମୃତ୍ୟୁଦେବତା ଦାୟୀ । ତେଣୁ ମୋତେ ମାରିବା ଅନୁଚିତ ।'

ସାପର କଥା ଶୁଣି କେଉଟ କହିଲା – "ତଥାପି ତୁ ମୃତ୍ୟୁର କାରଣ ହୋଇଛୁ, ତେଣୁ ତୋତେ ମାରିବା ଉଚିତ ।" ସାପ ବାରମ୍ବାର ନିଜକୁ ନିର୍ଦ୍ଦୋଷ ଏବଂ ମୃତ୍ୟୁଦେବତାଙ୍କୁ ଦୋଷୀ ବୋଲି କହିଲା । ସେଠାରେ ଅକସ୍ମାତ୍ ସ୍ୱୟଂ ମୃତ୍ୟୁଦେବତା (ଯମରାଜ) ଆସି ଉପସ୍ଥିତ ହେଲେ । ସେ କହିଲେ, ମୁଁ ତ କାଳଦ୍ୱାରା ପ୍ରେରିତ ହୋଇ ସାପକୁ ଏହି କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଲି । ଜଗତରେ ଯାହା ବି କିଛି ହେଉଛି ତାହା କାଳଦ୍ୱାରା । ଆମେ କେବଳ ଆଦେଶ ପାଳନ କରୁଛୁ ମାତ୍ର; ତେଣୁ କାଳ ହିଁ ହେଉଛି ଦୋଷୀ । ଏହି ସମୟରେ ସ୍ୱୟଂ କାଳଦେବତା ଆସି ସେଠାରେ ପହଞ୍ଚିଲେ । ସେ କହିଲେ, ହେ ବ୍ରାହ୍ମଣ, ଏହି ବାଳକର ମୃତ୍ୟୁ ପାଇଁ ସାପ, ମ୍ୟୃତ୍ୟୁଦେବତା କିମ୍ବା ମୁଁ ଦାୟୀ ନୁହଁ । କୌଣସି ମୃତ୍ୟୁ ପାଇଁ ପ୍ରେରକ ନୋହୁଁ, ଠିକ୍ ପ୍ରୟୋଜକ ବି ନୋହୁଁ; ଜୀବ ନିଜ କର୍ମଦ୍ୱାରା ହିଁ ମରେ, କର୍ମ ହିଁ ମନୁଷ୍ୟର ଅନୁଗମନ କରେ । ମଣିଷ ଯେଉଁଭଳି କର୍ମ କରିବ ସେହି ଅନୁରୂପ ଫଳ ପାଇବ ।

ଏହି ସମ୍ପୂର୍ଣ୍ଣ ଚର୍ଚ୍ଚା ଶୁଣି ବ୍ରାହ୍ମଣୀ କେଉଟକୁ କହିଲା – 'ମୁଁ ବୋଧହୁଏ ସେଇଭଳି କର୍ମ କରିଥିବି, ଯେଉଁଥିପାଇଁ ମୁଁ ହିଁ ଦାୟୀ । ଏଣୁ ତୁ ମୃତ୍ୟୁଦେବତା ଏବଂ କାଳଦେବତାଙ୍କ ସସ୍ଥାନକୁ ଯିବାପାଇଁ କହି ଦେ ।' ପିତାମହ, ଯୁଧିଷ୍ଠିରଙ୍କୁ ଏହି କଥା ଶୁଣେଇ କହିଲେ ଯେ, " ଯୁଧିଷ୍ଠିର: ପ୍ରତ୍ୟେକ ପ୍ରାଣୀ  ନିଜର କର୍ମ ଅନୁରୂପ ଫଳ ପାଆନ୍ତି । ଏଣୁ ମୋର ଏ ଅବସ୍ଥା ପାଇଁ ତୁମେ କିମ୍ବା ଦୁର୍ଯ୍ୟୋଧନ କେହି ଦାୟୀ ନୁହଁ । ତେଣୁ ତୁମେ ଅଯଥାରେ ନିଜକୁ ଦୋଷୀ ମଣୁଛ କାହିଁକି ।" ପିତାମହ ଭୀଷ୍ମଙ୍କ ମୁଖରୁ ଏହିକଥା ଶୁଣି ଯୁଧିଷ୍ଠିରଙ୍କ ହୃଦୟରେ ଉତ୍ପନ୍ନ ଶୋକ ଦୂର ହୋଇଗଲା ଏବଂ ସେ ପିତାମହଙ୍କ ଚରଣ ସ୍ପର୍ଶ କରି ସସ୍ଥାନ ପ୍ରତ୍ୟାବର୍ତ୍ତନ କଲେ ।

ଗଦ୍ୟାଂଶଟିକୁ ଯତ୍ନ ସହକାରେ ପଠନ କରି (କ) ଠାରୁ (ଙ) ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ଲେଖ ।

ପ୍ରଶ୍ନ – (କ) ଯୁଧିଷ୍ଠିରଙ୍କ ମନରେ ଯୁଦ୍ଧ ପରେ ବୈରାଗ୍ୟଭାବ ଜାତ ହେଲା କାହିଁକି ?

(ଖ) ଏହି ବୈରାଗ୍ୟ ଭାବରୁ ମୁକ୍ତି ପାଇଁ ଶାନ୍ତି ପାଇବା ନିମନ୍ତେ ଯୁଧିଷ୍ଠିର କ'ଣ କଲେ ?

(ଗ)ମହାଭାରତରେ ଶାନ୍ତିପର୍ବ କାହାକୁ କୁହାଯାଇଛି ?

(ଘ)କେଉଟ ଅର୍ଜୁନଙ୍କ ବ୍ରାହ୍ମଣୀର ପୁତ୍ରକୁ ମାରିଥିବା ସାପଟିକୁ ଧରି ବ୍ରାହ୍ମଣୀଙ୍କ ପାଖକୁ ନେବାରୁ କ'ଣ ହେଲା ?

(ଙ) ଗଳ୍ପଟିର ସାରମର୍ମ କ'ଣ ଲେଖ ।

# କାକଟପୁର ମଙ୍ଗଳାଦେବୀ

ପୁରାଣ ପ୍ରସିଦ୍ଧ ପବିତ୍ର ପ୍ରାଚୀ ନଦୀ କୂଳରେ ମଙ୍ଗଳାଙ୍କର ଅଧିଷ୍ଠାନ । ପୂର୍ବେ ଏହା ଘନ ଅରଣ୍ୟ ପରିପୂର୍ଣ୍ଣ ଓ ବନ୍ୟଜନ୍ତୁ ସଂକୁଳ ଥିଲା । ସେଥିପାଇଁ କବିବର ରାଧାନାଥ ଗାଇଥିଲେ : "ଭଲ୍ଲୁକ ବିକଟ କାକଟପୁର ମହାମଙ୍ଗଳା" । ପୂର୍ବେ ପ୍ରତ୍ୟେକ ଗ୍ରାମରେ ଗ୍ରାମଦେବୀ ପୂଜିତ ହେଉଥିଲେ । ମହାମଙ୍ଗଳାଙ୍କ ଉତ୍ତର ଦ୍ୱାରରେ ଅଧିଷ୍ଠିତା କାକଟେଇଙ୍କ ନାମ ଅନୁସାରେ କାକଟପୁର ନାମକରଣ ହୋଇଛି । ସଂଭବତଃ ମା' ମଙ୍ଗଳାଙ୍କ ପୂର୍ବରୁ ସେ ଗ୍ରାମଦେବୀ ଭାବରେ ଏଠାରେ ପ୍ରତିଷ୍ଠିତା ହୋଇଥିଲେ । ମହାମଙ୍ଗଳା ପରମ ବୈଷ୍ଣବୀ ଓ ଓଡ଼ିଶାର ଅଷ୍ଟଶକ୍ତିଙ୍କ ମଧ୍ୟରୁ ଅନ୍ୟତମ ।

କେତେକଙ୍କ ମତରେ ମା ମଙ୍ଗଳା ସିଂହଳଦ୍ୱୀପ (ଶ୍ରୀଲଙ୍କା) ରେ ପୂଜା ପାଉଥିଲେ । ସିଂହଳ ସହିତ ଏହି ଅଞ୍ଚଳବାସୀଙ୍କର ବୋଇତ ବାଣିଜ୍ୟ ବହୁ ବର୍ଷ ଧରି ଚାଲିଥିଲା । ଦଧିବାମନ ସାଧୁ ନାମକ ଏଠାରେ ଜଣେ ବଣିଆ ଏହି ମୂର୍ତ୍ତି ସିଂହଳରୁ ଆଣି କାକଟପୁରରେ ସ୍ଥାପନ କରିଥିଲେ । କାଳକ୍ରମେ ଠାକୁରାଣୀଙ୍କ ମହାତ୍ମ୍ୟ ଚତୁର୍ଦ୍ଦିଗରେ ପ୍ରଚାରିତ ହେଲା । ସ୍ଥାନୀୟ ଜନ ସାଧାରଣ ଓ ଜମିଦାର ଠାକୁରାଣୀଙ୍କ ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରି ଦୈନନ୍ଦିନ ପୂଜାର୍ଚ୍ଚନା ପାଇଁ ଜମିବାଡ଼ି ଖଞ୍ଜି ଦେଇଥିଲେ ।

ଆଉ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ମା", ମଙ୍ଗଳା ଲଙ୍କାର ରାଜା ରାବଣଙ୍କ ଦ୍ୱାରା ପୂଜା ପାଉଥିଲେ । ଲଙ୍କାର ରାଜାଙ୍କୁ ବଧ କରି ଶ୍ରୀରାମଚନ୍ଦ୍ର ଫେରିବା ବେଳେ ଏହି ଦେବୀମୂର୍ତ୍ତିକୁ ସଙ୍ଗରେ ନେଇ ଆସିଥିଲେ । ଆଉ ମଧ୍ୟ କୁହାଯାଏ ଯେ କଳାପାହାଡ଼ ଓଡ଼ିଶାର ମନ୍ଦିର ଓ ମୂର୍ତ୍ତିଗୁଡ଼ିକୁ ଧ୍ୱଂସ କରିବାବେଳେ ମଙ୍ଗଳା ପ୍ରାଚୀ ନଦୀରେ ଆତ୍ମଗୋପନ କରିଥିଲେ । ପରେ ଜଣେ ସାଧବପୁଅ ତାଙ୍କୁ ଉଦ୍ଧାର, କରି ଉକ୍ତ ଗ୍ରାମରେ ପ୍ରତିଷ୍ଠା କରିଥିଲେ । ଏହି ଠାକୁରାଣୀ ମୂର୍ତ୍ତି କଳା ମୁନି ପଥରରେ ନିର୍ମିତ ଏବଂ ତାଙ୍କର ଆକୃତି, ରୂପସଜ୍ଜା, ଅଳଙ୍କାର

ପ୍ରଭୃତିରୁ ଜଣାପଡ଼େ ଯେ ଏହା ଉତ୍କଳୀୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ନୁହେଁ । ତେଣୁ ଶ୍ରୀଲଙ୍କାରୁ ଏଇ ପ୍ରତିମା ଆନୀତ ହୋଇଥିବା ସମ୍ଭାବନା ଅଧିକବୋଲି ବିଶ୍ୱାସ କରାଯାଏ । ମା" ମଙ୍ଗଳାଙ୍କ ମହାତ୍ମ୍ୟ ଯୁଗଯୁଗ ଧରି ଦୂର ଦୂରାନ୍ତରେ ସଞ୍ଚାରିତ ହୋଇଛି । ପ୍ରାଚୀନ କାଳରୁ ଦେଶବିଦେଶରେ ଓଡ଼ିଆ ସାଧବପୁଅମାନେ ବାଣିଜ୍ୟ କରୁଥିଲେ ଏବଂ ବିପଦ ଆପଦରେ ତାଙ୍କୁ ସ୍ମରଣ କରିବା ସହିତ ଯାତ୍ରା ପୂର୍ବରୁ ଓ ପରେ ତାଙ୍କର ପୂଜା ଅର୍ଚ୍ଚନା କରୁଥିଲେ ।

**ପ୍ରଶ୍ନାବଳୀ**

(କ) କାକଟପୁର ବହୁ ପୂର୍ବେ ଅରଣ୍ୟ ସଂକୁଳ ଥିବା କାହିଁକି କୁହାଯାଇଚି ?

(ଖ) କାକଟପୁରରେ ମଙ୍ଗଳାଙ୍କ ଅଧିଷ୍ଠାନ । ତା" ସତ୍ତ୍ୱେ ଏହାର ନାମ କାକଟପୁର ହୋଇଚି କାହିଁକି ?

(ଗ) ଦଧିବାମନ ସାହୁ ସମ୍ପର୍କିତ କିମ୍ବଦନ୍ତୀଟି କ'ଣ ?

(ଘ) କାକଟପୁର ମଙ୍ଗଳା ଓ କଳାପାହାଡ଼ର ମନ୍ଦିର ଭଂଗାରୁଜା ସମ୍ପର୍କରେ କ'ଣ କୁହାଯାଏ ?

(ଙ) ଏଇ ଅନୁଚ୍ଛେଦଗୁଡ଼ିକରୁ ଓଡ଼ିଶାର ଅତୀତ ଓ ଧର୍ମଚେତନା ସମ୍ପର୍କରେ କି ସୂଚନା ମିଳୁଚି ?

# ଭାଷାର ଜନ୍ମ

ଭାଷା ଗୋଟେ ନଈ ପରି । ଗଙ୍ଗା ବୋଲି ଧରିନେ । ଗଙ୍ଗୋତ୍ରିରୁ ବାହାରିଛି ଗଙ୍ଗା । ବହି ଯାଇଚି ଶହଶ" କିଲୋମିଟର । ଦୁଇ ପାଖରୁ ନଈ, ନାଳ ଆସିଛନ୍ତି । ଗଙ୍ଗାରେ ପାଣି ଢ଼ାଳିଛନ୍ତି । ଯେତିକି ଯେତିକି ଆଗକୁ ଯାଇଚି ଗଙ୍ଗା ... ସେତିକି ସେତିକି ବିରାଟ ହେଇଛି । ବେଳେବେଳେ ନଈ ମରୁଭୂମିରେ ପଡ଼େ । ଧାର ମରିଯାଏ । ସେ ହୁଏ ମରୁନଈ । ଏସବୁ ମଧ ଖାପେ ଭାଷା କ୍ଷେତ୍ରରେ । ଭାଷା ତା'ର ଜନ୍ମ ଦିନରୁ ବଦଳି ବଦଳି ଚାଲେ । ନୂଆ ଜଳ ପରି ନୂଆ ବଳ ସଂଗ୍ରହ କରେ । ଅବଶ୍ୟ ଭାଷା ଯଦି ଜୀଇଥାଏ ! ତେବେ, ଭାଷା କ'ଣ ମରେ ! ଆଗରୁ ମରୁନଈର ଉଦାହରଣ ଦେଇଥିଲି ଯେ ! ଭାଷା ବି ମରେ ! ଏ ପୃଥିବୀରେ ଅନେକ ଭାଷା ଏଭଳି ମରି ହଜି ଗଲେଣି । ଇତିହାସର ବିସ୍ମୃତ ପୃଷ୍ଠାରେ ସେମାନଙ୍କ କ୍ଷୀଣ ସଂକେତ ଏବେ ବି ମିଳେନି ।

ଜାଣିବା ପୂର୍ବରୁ ଶୁଣିବା ଲୋକେ କହନ୍ତି ପ୍ରଥମ ମଣିଷ ଏ ମାଟିରେ ପାଦ ପକାଇଥିବ ପ୍ରାୟ ପାଞ୍ଚଲକ୍ଷ ବର୍ଷ ତଳେ । ସେ ମଣିଷ ଆଜିର ମଣିଷ ପରି ନଥିଲା । ବିବର୍ତ୍ତନର ଅନେକ ତରଙ୍ଗ ଡ଼େଇଁ ଡ଼େଇଁ ମଣିଷ ଆଜିର ଅବସ୍ଥାରେ ପହଞ୍ଚିଚି ।

ଆଉ ସେଇ ବିଦ୍ୱାନମାନେ ଭାଷା ବିଷୟରେ କ'ଣ କହନ୍ତି ଜାଣୁ ତ ! ଭାଷା କାଳେ ଖ୍ରୀଷ୍ଟ ଜନ୍ମ ପୂର୍ବର ପାଞ୍ଚହଜାର ବର୍ଷ ତଳେ ପ୍ରଥମେ ଦେଖାଦେଲା । କେଉଁଠୁ ଆସିଲା ଏ ଭାଷା ? କେତେକ ଧର୍ମଶାସ୍ତ୍ର କହନ୍ତି : ଭାଷା କାଳେ ସିଧା ଦେବଦାମାନଙ୍କ ମୁହଁରୁ ଝରି ଆସିଲା । ସଂସ୍କୃତପ୍ରେମୀଏ ତ କହନ୍ତି ସଂସ୍କୃତ ଦେବଭାଷା । ସିଧା ବ୍ରହ୍ମାଙ୍କ ମୁହଁରୁ ଏହାର ଜନ୍ମ । ଜୀଉମାନେ କହନ୍ତି ସୃଷ୍ଟିକର୍ତ୍ତା ଜୀବଜନ୍ତୁ ତିଆରି କଲେ । ସେମାନଙ୍କୁ ନାଁ ବି ଦେଲେ । ତା'ପରେ ଜୀବଜନ୍ତୁଙ୍କ ତାଲିକା ବଢ଼େଇଦେଲେ ମଣିଷର ହାତକୁ । ଆଉ ସେମାନେ ଯେ

କେହି ମଣିଷ ନୁହନ୍ତି । ସେମାନେ ହିବ୍ରୁ କହୁଥିବା ପରମେଶ୍ୱରଙ୍କ ଆଶୀର୍ବାଦପ୍ରାପ୍ତ ମାନବଗୋଷ୍ଠୀ ।

ଆମ ଦେଶର ଗିରିଜନମାନେ ବି ଏଇପରି କାହାଣୀ କହନ୍ତି ସେମାନଙ୍କ ଭାଷା ସମ୍ପର୍କରେ । ଏସବୁ ଏକ ଅନ୍ଧ ବିଶ୍ୱାସ । କୌଣସି ଭାଷା ଦେବ ଭାଷା ନୁହେଁ । ସବୁ ଭାଷା ମଣିଷ ସମାଜର ସୃଷ୍ଟି । ନିଜକୁ ବଡ଼ ବୋଲି ଚିହ୍ନାଇବା ଲାଗି କେତେକ ଲୋକ ସତ ମିଛ ଯୋଡ଼ି ନିଜର ବଡ଼ିମା ପ୍ରଚାର କରନ୍ତି । ଭାଷା କ୍ଷେତ୍ରରେ ବି ସେୟା ।

ଅଭାବ ଓ ଅଭାବବୋଧ ଅନେକ ଉଦ୍ଭାବନର ଓ ଆବିଷ୍କାରର କାରଣ । ଭାଷା କ୍ଷେତ୍ରରେ ବି ଠିକ୍ ସେଇ ସୂତ୍ର । ସାରା ଜୀବ ଜଗତରେ କେବଳ ମଣିଷର ଇଏ ଏକ ପୂର୍ଣ୍ଣାଙ୍ଗ ଭାଷା ଅଛି । ଅନ୍ୟ ଜୀବଜନ୍ତୁ କିଛି ଧ୍ୱନି କରିପାରନ୍ତି । ସେଗୁଡ଼ିକ ଗୋଟିଏ ଗୋଟିଏ ସଙ୍କେତ । ଜଙ୍ଗଲରେ ବାଘଟେ ଘୂରୁଚି । ଦେଖିଦେଲା ମୟୂର । କୁହାଟଟେ ମାରିଦବ । ସେଇ କଥା ଚିତ୍କାର କରି କହିଦବ ହନୁ । ଶମ୍ବର ବି ଜଣାଇଦବ ।

ପ୍ରଶ୍ନାବଳୀ

(କ)ଭାଷାକୁ ନଦୀ ସହିତ ତୁଳନା କରାଯାଇଚି କାହିଁକି ?

(ଖ)ମରୁନଦୀ ସହ ଭାଷାର ତୁଳନା କାହିଁକି ହୁଏ ?

(ଗ) ଲୋକେ ନିଜ ଭାଷାକୁ ଦେବଭାଷା କହନ୍ତି କାହିଁକି ?

(ଘ)ଜଙ୍ଗଲର ଜୀବମାନେ ମନୋଭାବ ପ୍ରକାଶ କରନ୍ତି କିପରି ? ଉଦାହରଣ ଦେଇ ବୁଝାଅ ।

(ଙ)ଜୀଉମାନେ ନିଜ ଭାଷା ସମ୍ପର୍କରେ କ'ଣ କହନ୍ତି ?

# ସାରଳାଙ୍କ ଦୁଃଖୀ ଜନପ୍ରୀତି

ସାରଳା ଜନକବି । ଗଣ କବି । ତାଙ୍କ ଭାଷା ଆଡ଼ମ୍ବର ବିହୀନ । ସେ ଜାଣିଥିଲେ ଯେ ଏ ଦେଶର ସହସ୍ର ସହସ୍ର ଲୋକ ଯୋଉ ଭାଷାରେ କହନ୍ତି, ତାହା ହିଁ ପ୍ରକୃତ ଭାଷା । ସେଇଥିପାଇଁ ସେ ଗଣଭାଷାରେ ତାଙ୍କର ରଚନାବଳୀ ସୃଷ୍ଟି କରିଗଲେ ।

ସେମିତି ସେ ଗଣ ଜୀବନକୁ ନିଜର କରିଛନ୍ତି । ଫଳ : ଲେଖାଗୁଡ଼ିକରେ ଆମେ ନିଷାଦ, ଶବର, ବନଚରମାନଙ୍କ ବହୁ ଚିତ୍ର ପାଇଁ । ଏ ଶବରମାନେ ତାଙ୍କ ମହାଭାରତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି । ସେସବୁରୁ ବର୍ଣ୍ଣନା ଏଠାରେ ଦିଆ ଯାଉନି । ଶବରମାନଙ୍କ କୁଡ଼ିଆ, ଜୀବନ ଯାପନ ଧାରା, ବେଶଭୂଷାର ବହୁ ପ୍ରତ୍ୟକ୍ଷ ଚିତ୍ର ଦେଇଛନ୍ତି ସେ । ମନ ଭିତରେ ସେ ସେଇ ଜାରା ଶବର ସ୍ମୃତିକି ସାଇତି ରଖିଛନ୍ତି – ସିଏ ଯେ ଦିନେ ଦୁର୍ଯ୍ୟୋଧନ ଯୋଗୁଁ ଶିକ୍ଷାରୁ ବଞ୍ଚିତ ହେଲା । ତା'ରି ଦୁଃଖରେ କବି ଅଭିଭୂତ । ସମ୍ବେଦନାରେ ବୁକୁ ଟିକ୍ଟିକି । ସେଇଥିପାଇଁ ଗ୍ରନ୍ଥାବଳୀ ସାରା ବହୁ କ୍ଷେତ୍ରରେ ଶବର ଜୀବନ ଗାଥା ସେ ଗାଇଛନ୍ତି । ଏକ ମହାନ ପ୍ରତିବାଦ ।

ଜାରା ଶବର ପରି ଯେ ସେ ସମାଜର ଅନ୍ୟମାନଙ୍କ ପରି ବ୍ରାହ୍ମଣ ତଥା ବହୁ ପଣ୍ଡିତଙ୍କ ଦ୍ୱାରା ପରିତ୍ୟାଜ୍ୟ ହୋଇଥିଲେ । ଏପରିକି ତାଙ୍କ ରଚିତ ମହାଭାରତ ତ ବ୍ରାହ୍ମଣ ଶାସନରେ ସ୍ଥାନ ପାଏନି ।

ଏଇ ଦୁଃଖଦ ସ୍ମୃତିର ପ୍ରତିକ୍ରିୟାରେ ସେ ଶବରମାନଙ୍କ ଅବହେଳିତ ଜୀବନର ଚିତ୍ର ବାରମ୍ବାର ଦେଇଛନ୍ତି । ଓଡ଼ିଶାର ଦେବତା ଯେ ଶବର ଦେବତା । ଇନ୍ଦ୍ରଦ୍ୟୁମ୍ନଙ୍କ ସେଇ ମୂର୍ତ୍ତି ପ୍ରାପ୍ତିର କାହାଣୀ ନୂତନତାରେ କେତେ ଝଲମଲ । ସ୍ୱପ୍ନାଦେଶ ହେଲା । କୁଣ୍ଡରେ ମୂର୍ତ୍ତିର ଛାଇ ଦିଶିଲା । ମୂର୍ତ୍ତି ବିଷ୍ଣୁଙ୍କର । ରାଜା ନିଜେ ଏକା ଉଠାଇବାକୁ ଚେଷ୍ଟା କଲେ । ଅସଫଳତା । ଏଥର ସ୍ୱପ୍ନ ଆସିଲା । ଏକ ପଟେ ଅନାର୍ଯ୍ୟ ଜାରା ଓ ଆରପଟେ ଆର୍ଯ୍ୟ ବିଶ୍ୱାବସୁ ଧରନ୍ତୁ । ମୂର୍ତ୍ତି ଉଠିବ । ରାଷ୍ଟ୍ରୀୟ ସଂହତି ପାଇଁ କି ପ୍ରଚଣ୍ଡ ବାର୍ତ୍ତା ! ଦେଶ ଚଳେ ସବୁରି ସହଯୋଗରେ ।

ଧର୍ମର ଯଦି ଧରି ରଖିବା ମହତ୍ତ୍ୱ ହୁଏ, ଆଜି ଆମେ ଧର୍ମ ନାମରେ ଯୋଉ ବିଭେଦ, ସାଂପ୍ରଦାୟିକତାର ବିଷ ବୁଣୁଛୁ, ଠିକ୍ କରୁଛୁ ତ ! ଅଥଚ ଏ ଦେଶର ଜଣେ କବି ବହୁ ବର୍ଷ ତଳେ ରାଷ୍ଟ୍ର ପରିଚାଳନାର ବାର୍ତ୍ତା ଦେଇଗଲା ଯେ ଦେଶର ଧନୀ, ଦରିଦ୍ର, ଉଚ୍ଚ, ନୀଚ ସଭିଏଁ ହାତ ମିଳେଇବେ ।

ଠିକ୍ ସେଇଭଳି ଆଦି ପର୍ବରେ ବ୍ରାହ୍ମଣ ଓ ଚଣ୍ଡାଳର ଏକ ସଂଗ୍ରାମ ବପର୍ଣ୍ଣନା ଅଛି । କବିଙ୍କ ଅବଚେତନ ଚିତ୍ତ ବ୍ରାହ୍ମଣ ଅବ୍ରାହ୍ମଣ ମତଦେ ଓ ଶ୍ରେଣୀ ସଂଗ୍ରାମର କଥା ଭାଳିଚି । ତେଣୁ ଏ ବଭିବ୍ୟକ୍ତି । ସାରଳାଙ୍କ ସମ୍ବେଦନ ସଦାବେଳେ ଦୁର୍ମଳ, ଅବହେଳିତ, ଗିରିଜନମାନଙ୍କ ପ୍ରତି ।

ପ୍ରଶ୍ନାବଳୀ

(୧)ସାରଳାଙ୍କୁ ଜନ କବି କହିବାର କାରଣ କ'ଣ ?

(୨)ସାରଳାଙ୍କ ରଚନାବଳୀରେ ବାରମ୍ବାର ଶବରମାନଙ୍କ ଚିତ୍ର ଦେବାର ଉଦ୍ଦେଶ୍ୟ କ'ଣ ?

(୩)ସାରଳା ମହାଭାରତରେ ରାଷ୍ଟ୍ର ଚାଳନାର କେଉଁ ଇଂଗିତ ରହିଚି ?

(୪)ଧର୍ମ ସମ୍ପର୍କରେ ଲେଖକ କ'ଣ କହନ୍ତି ?

(୫)ଇନ୍ଦ୍ରଦ୍ୟୁମ୍ନଙ୍କ ମୂର୍ତ୍ତି ପ୍ରାପ୍ତିର କାହାଣୀଟିରେ କି ବାର୍ତ୍ତା ରହିଚି ?

# ଓଡ଼ିଶାରେ ବୋଇତ ବନ୍ଦାଣ

ସୋମବଂଶ ଶାସନ କାଳରେ ଉତ୍କଳ ନାମ ଧାରଣ କରି ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ଶାସନ ବେଳକୁ ଏହା ଓଡ଼ିଶା ନାମ ଧାରଣ କଲା । ଏହା ପୂର୍ବରୁ କଳିଙ୍ଗ , କଙ୍ଗୋଦ, କୋଶଳ ଓ ଉତ୍କଳ ନାମ ଥିଲା । ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ବୃହତ୍ତର ଓଡ଼ିଶା ପ୍ରତିଷ୍ଠା ଲାଭ କଲା ବୋଲି ବିଭିନ୍ନ ଇତିହାସରୁ ପ୍ରମାଣ ମିଳେ । ଏହି ସମୟରେ କଳା ଓ ଭାସ୍କର୍ଯ୍ୟ ଶେଷ ସୀମାରେ ପହଂଚିଲା ।

ଶୈଳୋଦ୍ଭବ, ଭୌମକର, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶ ଦେଇ ଓଡ଼ିଶାର କ୍ରମ ପ୍ରବାହୀ ଇତିହାସ ଥିବାର ଜଣାଯାଉଛି । ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ସାଧୀନତା ଲୋପ ପାଇଗଲା । ବଙ୍ଗର ଆଫଗାନ ମୁସଲମାନ ଓଡ଼ିଶାକୁ କିଛିକାଳ ଶାସନ କରିଥିଲେ । ପରେ ଆକବରଙ୍କ ଶାସନ ସମୟରେ ଓଡ଼ିଶା ମୋଗଲ ଶାସନାଧୀନ ରହିଲା ଓ ଓଡ଼ିଶାର ଗଜପତିସ କେନ୍ଦ୍ର ଖୋର୍ଦ୍ଧା ଭୁଷୁଡ଼ି ପଡ଼ି । ବଙ୍ଗ ହେଲା ଓଡ଼ିଶାର ଶାସନ କେନ୍ଦ୍ର । ମୋଗଲ ଶାସନରେ ଦିଲ୍ଲୀ ଓଡ଼ିଶାର ଶାସନ ମେନ୍ଦ୍ର ହୋଇଗଲା । ମରହଟ୍ଟାମାନେ ଓଡ଼ିଶାକୁ ଶାସନ କଲେ । ୧୮୦୩ ମସିହାରେ ଇଂରେମାନେ ଓଡ଼ିଶାକୁ ଶାସନ କରିନେଲେ ।

୧୫୬୮ରୁ ୧୯୪୭ ଯାଏ ପ୍ରାୟ ଚାରିଶହ ବର୍ଷ ଧରି ଓଡ଼ିଶା ବିଭିନ୍ନ ଶାସନରେ ରହିଲା । ତେଣୁ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି, ଭାସନକର୍ଯ୍ୟ ସବୁଥିରେ ଅବକ୍ଷୟ ଘଟିଥିଲା ।

ଜଣାଯାଏ ଯେ, କଳିଙ୍ଗ ସାମରିକ ଶକ୍ତି ଓ ଧନଧାନ୍ୟରେ ଭରପୂର ଥିଲା । ଏସିଆ ମହାଦେଶରେ ବିଭିନ୍ନ ରାଷ୍ଟ୍ର ଓ ଦ୍ୱୀପ ସହିତ ଯେଉଁ ବାଣିଜ୍ୟିକ ସଂପର୍କ ସ୍ଥାପନ ହୋଇଥିଲା, ତାହା କଳିଙ୍ଗ ଦ୍ୱାରା ହିଁ ବିଶେଷ ଭାବରେ ସଂଭବ ହୋଇଥିଲା । ଇତିହାସରୁ ଜଣାଯାଏ ଯେ, କଳିଙ୍ଗର ଦୁଇଜଣ ବଣିକ ବୁଦ୍ଧଗୟାଠାରେ ବୁଦ୍ଧଦେବଙ୍କୁ ସାକ୍ଷାତ କରିଥିଲେ ବୌଦ୍ଧଜାତକ କାହାଣୀ ଓ ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରେ ଭାରତର ସାମୁଦ୍ରିକ ନୌବାଣିଜ୍ୟର ପରିଚୟ ରହିଛି ।

କଳିଙ୍ଗର ଲୋକେ ନୌବାଣିଜ୍ୟରେ ସମଗ୍ର ଭାରତବର୍ଷରେ ସର୍ବପ୍ରାଚୀନ ଜାତି ଯେଉଁମାନେ କି ସିଂହଳ, ବର୍ମା, ମାଳୟଦ୍ୱୀପ ସମୂହ, ଶ୍ୟାମ, ଜାଭା, କାମ୍ବୋଜ, ସୁମାତ୍ରା, ବୋର୍ଣ୍ଣିଓ, ବାଲି ଆଦି ଦ୍ୱୀପ ଓ ରାଷ୍ଟ୍ରରେ ନୌବାଣିଜ୍ୟ କରିଥିବାର ଜଣାଯାଏ । ବର୍ତ୍ତମାନ ଉତ୍କଳୀୟ ସଂସ୍କୃତିର ପର୍ବପର୍ବାଣି, ଆଚାର ବ୍ୟବହାର, ଧାର୍ମିକ ଚିନ୍ତାଧାରା, ବର୍ମା ଓ ବହୁ ଦେଶ ଦ୍ୱୀପପୁଞ୍ଜରେ ଦେଖାଯାଏ । କଳିଙ୍ଗର ଅଧିବାସୀମାନେ ଅନ୍ୟରାଷ୍ଟ୍ର କିମ୍ବା ଦ୍ୱୀପପୁଞ୍ଜକୁ ନିଜର ଶାସନ କରିବାର ଅଭିପ୍ରାୟ ରଖି ନଥିଲେ ।

ସାରଳା ଦାସଙ୍କ ମହାଭାରତ, ବଳରାମଙ୍କ ଦାଣ୍ଡି ରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଗ୍ରନ୍ଥରେ ଅତୀତର ଉତ୍କଳୀୟଙ୍କର ନୌବାଣିଜ୍ୟର ଉଲ୍ଲେଖ ଅଛି । ମାତ୍ର ବହୁ ପୁରାତନ ବୋଇତ ବନ୍ଦାଣ ଉତ୍ସବ ଏବେ ପୁରପଲ୍ଲୀରେ ସର୍ବତ୍ର ପାଳନ କରାଯାଇ ସେହି ସାଧବ ପୁଅଙ୍କ ସମୁଦ୍ର ଯାତ୍ରାର ସ୍ମୃତିଚାରଣ କରାଯାଉଛି । ଏହା ଓଡ଼ିଶାବାସୀଙ୍କର ପୂର୍ବ ଇତିହାସର ଗୌରବ ଅଟେ ।

**ପ୍ରଶ୍ନାବଳୀ**

(କ) ଓଡ଼ିଶାରେ କଳା ଓ ଭାସ୍କର୍ଯ୍ୟ କେଉଁ ସମୟରେ ଚରମ ସୀମାରେ ପହଁଚିଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି ? ସେତେବେଳେ କେଉଁ ବଂଶର ରାଜାମାନେ ଓଡ଼ିଶାକୁ ଶାସନ କରୁଥିଲେ ?

(ଖ) ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଲା ବୋଲି କିପରି ଭାବରେ ଅନୁଚ୍ଛେଦଟିରେ ପ୍ରମାଣିତ ହୋଇଛି ?

(ଗ)୧୫୬୮ ଓ ୧୯୪୭ ମସିହା ଓଡ଼ିଶା ପାଇଁ କିପରି ଭାବରେ ଗୁରୁତ୍ୱପୂର୍ଣ୍ଣ ? ଏହି ସମୟ ସୀମା ମଧ୍ୟରେ ଆମ ରାଜ୍ୟର କି କ୍ଷତି ଘଟିଥିଲା । ?

(ଘ)ଉତ୍କଳର ନୌବଣିଜ୍ୟରେ ପ୍ରସିଦ୍ଧି ସଂପର୍କରେ କେଉଁକେଉଁ ଶାସ୍ତ୍ରମାନଙ୍କରୁ ସୂଚନା ମିଳେ ? ବ୍ରହ୍ମଦେଶ ଓ ଏହା ନିକଟବର୍ତ୍ତୀ ଦ୍ୱୀପପୁଞ୍ଜ ସହ ଉତ୍କଳର ବାଣିଜ୍ୟିକ ସଂପର୍କ ଥିଲା ବୋଲି କିପରି ପ୍ରମାଣିତ ହେଉଛି ?

(ଙ)ଓଡ଼ିଶାବାସୀଙ୍କର ପୂର୍ବ ଇତିହାସର ଗୌରବକୁ ଆମେ କିପରି ଭାବରେ ପାଳନ କରୁଛୁ ?

## ସାରଳା ଦାସ

ଓଡ଼ିଆ ସାହିତ୍ୟରେ ଆଦି ପୁରାଣ ଲେଖକ ହେଉଛନ୍ତି ସାରଳା ଦାସ । ସେ ପୁରାଣ ରଚ୍ଚନା କରିବା ପରେ ଓଡ଼ିଆ ସାହିତ୍ୟରେ ପୁରାଣର ନୂତନ ପରମ୍ପରା ସୃଷ୍ଟି ହୋଇଥିଲା । ପଞ୍ଚଦଶ ଶତାବ୍ଦିରେ ସାରଳା ଦାସ ମହାଭାରତ ରଚନା କରି ଓଡ଼ିଆ ପୁରାଣ ସାହିତ୍ୟର ଭିତ୍ତି ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଅନନ୍ତ, ଯଶୋବନ୍ତ ପ୍ରଭୃତି କବି ଓଡ଼ିଆ ପୁରାଣ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଲେ ।

ପୁରାଣରେ ଅତୀତର ବିଭବ କାହାଣୀ ବର୍ଣ୍ଣନା କରି ଜାତିର ଗୌରବ ପ୍ରତିପାଦନ କରିବାରେ ଏହି ପୁରାଣ ଲେଖକମାନେ ଧୁରନ୍ଧର ଥିଲେ । ସାରଳା ଦାସ ଯେଉଁ ସମୟରେ ପୁରାଣ ରଚନାରେ ମନୋନିବେଶ କରିଥିଲେ ସେ ସମୟକୁ ଭାରତୀୟ ଭାଷାମାନଙ୍କରେ ଅତି କମ୍ ଲେଖକ ସାରଳା ଦାସଙ୍କ ମହାଭାରତ ପରି ବିରାଟ ଚରନାରେ ଅଗ୍ରସର ହୋଇଥିଲେ । ଏହି ଦୃଷ୍ଟିରୁ ସାରଳାଦାସଙ୍କୁ ଓଡ଼ିଆ ସାହିତ୍ୟର ଆଦିକବି ଓ ଯୁଗସ୍ରଷ୍ଟାର ଗୌରବ ଦିଆ ଯାଇଛି । ତାଙ୍କ ପୂର୍ବରୁ ଓଡ଼ିଶାରେ ସଂସ୍କୃତ ଭାଷାରେ ରଚିତ ପୁରାଣମାନ କେତେକ ବ୍ରାହ୍ମଣ ସମାଜରେ ପ୍ରଚଳିତ ଥିଲା । ସାରଳା ଦାସ ସାହସିକ ପଦକ୍ଷେପ ନେଇ ସେହି ପରମ୍ପରା ଭଙ୍ଗ କଲେ ।

ଓଡ଼ିଶାର ସାମାଜିକ, ଆଧ୍ୟାତ୍ମିକ, ଐତିହାସିକ ଓ ସାଂସ୍କୃତିକ ଜୀବନରେ ସାରଳା ଦାସ ତାଙ୍କ ପୁରାଣମାନଙ୍କ ଦ୍ୱାରା ଏକ ଉଚ୍ଚ ଆସନର ଅଧିକାରୀ ହୋଇଥିଲେ । ସେ ଥିଲେ ସୂର୍ଯ୍ୟବଂଶର ପ୍ରବଳ ପରାକ୍ରମୀ ରାଜା କପିଳେନ୍ଦ୍ର ଦେବଙ୍କ ସମସାମୟିକ । କପିଳେନ୍ଦ୍ର ଦେବ ଯେପରି ଜଣେ ଦିଗବିଜୟୀ ବୀର, ସୁ ଶାସକ, ପ୍ରଜା ବତ୍ସଳ ରାଜା ଭାବେ ଇତିହାସରେ ନିଜର ମହାନ କୀର୍ତ୍ତି ପ୍ରତିଷ୍ଠା କରି ଯାଇଛନ୍ତି, ସେହିପରି ସାରଳା ଦାସ ତାଙ୍କ ରଚନାମାନଙ୍କରେ ଏ ଜାତିର ଜୀବନଧାରାକୁ ରୂପାୟିତ କରି ଉଜ୍ଜ୍ୱଳ କୀର୍ତ୍ତି ଅର୍ଜନ କରିଯାଇଛନ୍ତି ।

ସାରଳା ଦାସ ମହାଭାରତ ବ୍ୟତୀତ ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀ ନାରାୟଣ ବଚନିକା ନାମରେ ଆଉ ତିନୋଟି ଗ୍ରନ୍ଥ ମଧ୍ୟ ରଚନା କରିଥିଲେ । ଏସବୁ ଗ୍ରନ୍ଥରେ କବିଙ୍କ ମୌଳିକତା, ପାଣ୍ଡିତ୍ୟ, ସ୍ୱଦେଶ ପ୍ରିତି ଓ କବିତ୍ୱ ଫୁଟି ଉଠିଛି । ଏ ସମସ୍ତ ଗ୍ରନ୍ଥରେ ଓଡ଼ିଆ ଜାତିର ରୀତିନୀତି, ଆଚାର ବ୍ୟବହାର ଓ ଲୋକଧର୍ମ ବଳିଷ୍ଠ ରୂପେ ଲାଭ କରିଛି । ସାରଳା ଦାସ ତାଙ୍କ ଉପାସ୍ୟ ଦେବୀ ସାରଳାଙ୍କ କୃପାରୁ ଏ ସବୁ ପୁରାଣ ଲେଖିଥିବା ଉଲ୍ଲେଖ କରିଛନ୍ତି ।

## ପ୍ରଶ୍ନାବଳୀ

(କ) ଓଡ଼ିଆରେ ପୁରାଣ ସାହିତ୍ୟର ଭିତ୍ତି କିଏ ସ୍ଥାପନ କରିଥିଲେ ଓ ତାଙ୍କ ରଚିତ ପୁରାଣ ଗୁଡ଼ିକର ନାମ କ'ଣ ?

(ଖ) ସାରଳା ଦାସ କେବେ ଓ କେଉଁ ରାଜାଙ୍କ ସମୟରେ ତାଙ୍କ ପୁରାଣଗୁଡ଼ିକ ଲେଖିଥିଲେ ?

(ଗ) ତାଙ୍କର ପରେ ଆଉ କେଉଁ କବିମାନେ ପୁରାଣ ରଚନାରେ ଅଗ୍ରସର ହୋଇଥିଲେ, ସେମାନଙ୍କର ନାମ ଲେଖ ।

(ଘ) ସାରଳା ଦାସ ରଚନା କରିବା ପୂର୍ବରୁ ଓଡ଼ିଶାରେ କେଉଁ ଭାଷାର ପୁରାଣ କେଉଁ ସମାଜରେ ପ୍ରଚଳିତ ଥିଲା ଓ ସାରଳା ଦାସ କିପରି ସାହସିକ ପଦକ୍ଷେପ ନେଲେ ?

(ଙ) ତାଙ୍କ ରଚନାଗୁଡ଼ିକରେ ତାଙ୍କର କେଉଁ ଗୁଣ ଏବଂ ଓଡ଼ିଆ ଜାତିର କେଉଁ ଚିତ୍ର ପରିସ୍ଫୁଟିତ ?

# କବିଚନ୍ଦ୍ର କାଳୀଚରଣ

ସଂଗୀତ ସାହିତ୍ୟ ପ୍ରତି କାଳୀଚରଣଙ୍କ ମନ ସଦା ସର୍ବଦା ବ୍ୟସ୍ତ ବ୍ୟାକୁଳ ଥିଲେ ମଧ୍ୟ ସେ ପାଠପଢ଼ାରେ କେବେ ହେଳା କରି ନଥିଲେ । ଜଣେ ମେଧାବୀ ଛାତ୍ର ଥିବରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କରିଥିଲେ ଓ ରେଭେନ୍ସା କଲେଜରେ ବି,ଏ. ଶ୍ରେଣୀର ଛାତ୍ର ଥିଲାବେଳେ ତାଙ୍କର ପିତୃବିୟୋଗ ହେବାରୁ ସେତିକିରେ ତାଙ୍କର ପାଠପଢ଼ା ଇତି ହୋଇଥିଲା ଓ ପରିବାରର ଗାଭୁରାଣ ମେଣ୍ଟାଇବା ପାଇଁ ସେ ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜାଙ୍କ ଅଧୀନରେ ଚାକିରୀ କରିବାକୁ ବାଧ୍ୟ ହୋଇଥିଲେ ।

କାଳୀଚରଣ ଯେତେବେଳେ ଖୋର୍ଦ୍ଧା ସ୍କୁଲରେ ପଢୁଥିଲେ 'ଉଦୁଉଦୁମା' ନାମରେ ତାଙ୍କର ପ୍ରଥମ କବିତା ପ୍ରକାଶିତ ହୁଏ ଓ ତା' ପରେ ପରେ ତାଙ୍କ ରଚିତ ପ୍ରଥମ କବିତା ପୁସ୍ତକ 'କଳାହାଣ୍ଡିଆ ମେଘ' ପ୍ରକାଶିତ ହୋଇଥିଲା । ତା'ପରେ ଭକ୍ତି ସଂଗୀତ ପୁସ୍ତକ 'ବରଣ ମାଳା' ପ୍ରକାଶ ପାଇଲା । ଏହି ପୁସତକ ଦ୍ବି ଉକଳ ଗୌରବ ମଧୁସୂଦନ ତାଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ସେହି ସମୟରେ 'ବାୟଧନଟି' ନାମକ ଏକ କବିତା ପୁସ୍ତକ, 'ଯାଗିନୀ ମାଆ' ଶିରୋନାମାରେ ଏକ ଉପନ୍ୟାସ ଓ ବହୁ ଜଣାଣ, ଭଜନ, ସଂଗୀତ ପ୍ରକାଶ କରିତବଲେ । ଯେତେବେଳେ ତାଭ୍କର 'ଧ୍ରୁବ' ନାଟକ ପ୍ରକାଶ ପାଏ ସେତେବେଳେ ତାଭ୍କର ବ୍ରସ ମାତ୍ର କୋଡ଼ିଏ କି ଏକୋଇଶି ହେବ ।

ପୁରୀର ଗଜପତି ରାମଚନ୍ଦ୍ର ଦେବଙ୍କର ସେ ସଭାକବି ଓ ସଭାଗାୟକ ଥିଲେ । ତାଙ୍କର ଅସାଧାରଣ ସାହିତ୍ୟ, ସଂଗୀତ ଜ୍ଞାନ ଓ ସାଧନା ଯୋଗୁଁ ୧୯୨୭ ମସିହା ସ୍ନନିଆଁ ଦିନ ସେ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧିରେ ଭୂଷିତ କରିହଲେ । ସେହିଦିନଠାରୀ ସେ ସମଗ୍ର ଦେଶବାସୀଙ୍କ ନିକଯରେ 'କବିଚନ୍ଦ' ନାମରେ ପରିଚିତ ହେଲେ । ୧୯୪୧ ମଦିହାରେ ଉତ୍କଳ-ସାହିତ୍ୟ-ସମାଜ ପକ୍ଷରୁ ତାଙ୍କୁ ନାଟ୍ୟାଚାର୍ଯ୍ୟ ଉପାଧି ପ୍ରଦାନ କରାଯା

ଇଥିଲା । ଦ୍ଧ ସଂଗୀତ ନାଟକ ଏକାଡ଼େମୀ ତାଙ୍କୁ ଏକାଡ଼େମୀର 'ରତ୍ନ ସଦସ୍ୟ' ରୂପେ ୧୯୬୯ ମସିହାରେ ମନୋନୀତ କରିଥିଲେ । ଭାରତ ସରକାର ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଥିଲେ ହେଁ, ସେ ତାହା ପ୍ୟତ୍ୟାଖ୍ୟାନ କରିଥିଲେ । ତା' ପର ବର୍ଷ ଅର୍ଥାତ୍ ୧୯୭୫ ମସିହାରେ ସଂବଲପୁର ବିଶ୍ୱବିଦ୍ୟାଳୟ ତାଙ୍କୁ 'ଡ଼କ୍ଟରେଟ୍'_ପାଧିରେ ଭୂଷିତ କରିଥିଲେ ।

ପ୍ରଶ୍ନାବଳୀ

କ. ବି.ଏ. ପଢ଼ିଲାବେଳେ କାଳୀଚରଣଙ୍କ ପାଠ-ପଢ଼ା କାହିଁକି ଶେଷ ହୋି ଯାିଥିଲା ?

ଖ.ତାଙ୍କର ପ୍ରଥମ ପ୍ରକାଶିତ କବିତାଟି କ'ଣ ଏବଂ ପ୍ରଥମ ପ୍ରକାଶିତ କବିତା ପୁସ୍ତକର ନାମ କ'ଣ ?

ଗ.ତାଙ୍କର 'ବରଣମାଳନ' ପୁସ୍ତକଟି କାହାଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲଏ। ?

ଘ.କାଳୀଚରଣଙ୍କୁ କିଏ, କାହିଁକି ଓ କେବେ କବିଚନ୍ଦ୍ର ଉପାଧଢ଼ରେ ଭୂଷିତ କରିଥିଲେ ?

ଆଉ କେଉଁ କେଉ ଉପାଧି ଦ୍ୱାରା ସେ ସମ୍ମାନିତ ହୋଇଥିଲେ ?